ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.153 Bhubaneswar Tuesday July 25 2023 | ୨୬ତମ ବର୍ଷ ସଂଖ୍ୟା–୧୫୩ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ୧୪ ଓଏଏସ ଅଫିସରଙ୍କ ବଦଳି, ପ୍ରମୋଦ ମିଶ୍ର ଉଚ୍ଚଶିକ୍ଷା ସ୍ୱତନ୍ତ୍ର ସଚିବ




ଭୁବନେଶ୍ୱର, ୨୪।୭(ପି.ଏନ): ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ୧୪ଜଣ ଓଏଏସ୍ ଅଫିସରଙ୍କୁ ଅଦଳବଦଳ କରିଛନ୍ତି । ଓଡିଶା ଲୋକସେବା ଆୟୋଗଙ୍କ ସଚିବ ତଥା ବରିଷ୍ଠ ଓଏଏସ୍ ପ୍ରମୋଦ କୁମାର ମିଶ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ବରିଷ୍ଠ ଓଏଏସ୍ ରାମଚନ୍ଦ୍ର ପାଲଟାଙ୍କୁ ତାଙ୍କ ସ୍ଥାନକୁ ପଠାଯାଇଛି । ଶ୍ରୀ ପାଲଟା ଏବେ କଟକରେ ଅତିରିକ୍ତ ଅବକାରୀ କମିଶନର ଭାବେ କାର୍ଯ୍ୟ କରୁଛନ୍ତି ଓ ସେ କଟକସ୍ଥିତ ଲୋକସେବା ଆୟୋଗଙ୍କ ସଚିବ ଦାୟିତ୍ୱ ତୁଲାଇବେ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱର ଉପଜିଲ୍ଲାପାଳ ଦେବବ୍ରତ ସାହୁଙ୍କୁ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ତାଳଚେର ଉପଜିଲ୍ଲାପାଳ ବିଶ୍ୱରଞ୍ଜନ ରଥଙ୍କ ପୂର୍ବ ବଦଳିକୁ ବାତିଲ କରି ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ଯୁଗ୍ମ କମିଶନର ଭାବେ ନିଯୁକ୍ତି ମିଳିଛି । ସେହିପରି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ଆସିକା ଚିନି ସମବାୟ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ, ଶୁଭେନ୍ଦ୍ର କୁମାର ସାମଲଙ୍କ ପୂର୍ବ ବଦଳି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତଙ୍କୁ କଟକସ୍ଥିତ ଅତିରିକ୍ତ ଅବକାରୀ କମିଶନର, ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ବେହେରାଙ୍କୁ ଭୁବନେଶ୍ୱର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି ।

## ଭଣ୍ଡାରୀପୋଖରୀରେ ଡବଲ ମର୍ଡର: ସ୍ତ୍ରୀ ଓ ପୁଅଙ୍କୁ ନିର୍ମମ ହତ୍ୟା, ପରେ ଫେରାର

ଭଦ୍ରକ, ୨୪।୭(ପି.ଏନ): ଭଦ୍ରକ ଭଣ୍ଡାରୀପୋଖରୀରେ ନୃଶଂସ ସାଜିଛି ପରିବାରର ମୁଖିଆ । ନିଜ ସ୍ତ୍ରୀ ଓ ପିଲାଙ୍କୁ ନିର୍ମମ ଭାବରେ ହତ୍ୟା କରି ଫେରାର ହୋଇଯାଇଛି ଅଭିଯୁକ୍ତ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ମାମଲାକୁ ନେଇ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି ।ମିଳିଥିବା ସୂଚନା ଅନୁସାରେ, ଭଦ୍ରକ ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ କୁଶଗଡିଆ ଗାଁରେ ଏକ ଅଜବ ଘଟଣା ଘଟିଯାଇଛି । ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଓ ପିଲାଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ନେଇ ଜାଣିବାକୁ ମିଳିଛଇ । ତେବେ ଏଭଳି କାଣ୍ଡ ଘଟାଇବାର ପ୍ରକୃତ କାରଣ ଜଣା ପଡିନଥିବା ବେଳେ ପାରିବାରିକ କଳହ ଯୋଗୁଁ ଏପରି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ତେବେ ହତ୍ୟା କରିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଗ୍ରାମବାସୀ କାବୁ କରିବାରେ ସଫଳ ହୋଇଛନ୍ତି । ଏହାପରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ମାମଲାର ତଦନ୍ତ ଆରମ୍ଭ କରିଛି । ଏହାସହିତ ଉଭୟ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଭିଯୁକ୍ତକୁ ଗିରଫ କରିଛି ଭଣ୍ଡାରୀପୋଖରୀ ପୋଲିସ ।

## କାଲି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି : ସୁରକ୍ଷା ବ୍ୟବସ୍ଥା କଡାକଡି, ବ୍ଲୁ ବୁକ୍ ଏସଓପି ଅନୁସାରେ ଦିଆଯିବ ସୁରକ୍ଷା

ଭୁବନେଶ୍ୱର, ୨୪।୭(ପି.ଏନ): ମଙ୍ଗଳବାର ଦିନ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ତାଙ୍କର ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବ୍ଲୁ ବୁକ୍ ଏସଓପି ଅନୁସାରେ ତାଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ଶ୍ରୀମତୀ ମୁର୍ମୁ ନୂଆ ଦିଲ୍ଲୀରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ। ପରେ ସେଠାରୁ ରାଜଭବନ ଯିବେ। ସେହିଦିନ ରାଜଭବନଠାରେ ରାଜ୍ୟର ଆଦିମ ଜନଜାତି ସମୁଦାୟର ପ୍ରତିନିଧିମାନଙ୍କୁ ଭେଟିବେ ଓ ସେଠାରେ ରାତ୍ରି ଯାପନ କରିବେ। ତା'ପର ଦିନ ଅର୍ଥାତ ବୁଧବାର ଦିନ ରାଷ୍ଟ୍ରପତି କଟକ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ସେହିପରି ସେ ୨୭ତାରିଖରେ ଭୁବନେଶ୍ୱରର ତମାଣ୍ଡୋର ଦଶବାଟିଆଠାରେ ବ୍ରହ୍ମକୁମାରୀ କେନ୍ଦ୍ର ଲାଇଟ୍ ହାଉସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କରିବା ସହ ଅନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନୂଆଦିଲ୍ଲୀ ଫେରିଯିବେ।ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ନେଇ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏନେଇ ବ୍ଲୁ ବୁକ୍ ଗାଇଡଲାଇନରେ ସୁରକ୍ଷା ବ୍ୟବସ୍ଥା କରାଯାଉଛି। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆଜି ଫାଇନାଲ ରିହରସିଆଲ କରାଯାଇଛି। ବିମାନବନ୍ଦରରୁ ରାଜଭବନ ପରେ ରାଜଭବନରୁ କାର୍ଯ୍ୟକ୍ରମ ସ୍ଥାନକୁ ଫୁଲ କାରକେଡ ରିହରସିଆଲ କରାଯାଇଛି।

## ହୀରାକୁଦ ଛାଡିଲା ଆଉ ୩ଟି ଗେଟ୍: ପ୍ରବଳ ବର୍ଷା ଯୋଗୁଁ ଉପରମୁଣ୍ଡରେ ବୃଦ୍ଧି ପାଉଛି ଜଳସ୍ତର



ହୀରାକୁଦ, ୨୪।୭(ପି.ଏନ): ହୀରାକୁଦ ନଦୀବନ୍ଧରେ ବୃଦ୍ଧି ପାଉଛି ଜଳସ୍ତର । ଉପମୁଣ୍ଡରେ ଜଳସ୍ତର ବୃଦ୍ଧି ପାଉଥିବାରୁ ପୁଣି ୩ଟି ଗେଟ୍ ଖୋଲିଛି ହୀରାକୁଦ ନଦୀବନ୍ଧ । ପୂର୍ବରୁ ୫ଟି ଗେଟ୍ ଖୋଲିଥିବା ଡ୍ୟାମର ଏବେ ଆଉ ୩ଟି ଗେଟ୍ ଖୋଲାଯାଇଛି । ତେବେ ବର୍ତ୍ତମାନ ମୋଟ ୮ଟି ଗେଟ୍ ଦେଇ ଡ୍ୟାମରୁ ବନ୍ୟା ଜଳ ନିଷ୍କାସନ ହେଉଛି । ତେବେ ବଢୁଥିବା ବନ୍ୟାପାଣିକୁ ରୋକିବା କଷ୍ଟ ହେଉଥିବାରୁ ଧିରେ ଧିରେ ଗେଟ୍ ଖୋଲାଯାଉଛି । ପ୍ରବଳ ବର୍ଷା ଯୋଗୁଁ ଉପରମୁଣ୍ଡରେ ବୃଦ୍ଧି ପାଉଛି ଜଳସ୍ତର । ଯାହାଫଳରେ ହୀରାକୁଦରେ ଅଧିକ ଗେଟ୍ ଖୋଲିବା ପାଇଁ ବାଧ ହୋଇଛି ।

## ଜେଇ ମେନ ସିଭିଲ ପରୀକ୍ଷା ପ୍ରଶ୍ନପତ୍ର ଲିକ ମାମଲାରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ କାର୍ଯ୍ୟାଳୟ ଘେରିଲେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୨୪।୭(ପି.ଏନ): ଜେଇ ମେନ ସିଭିଲ ପରୀକ୍ଷା ପ୍ରଶ୍ନପତ୍ର ଲିକ ହେବା ପ୍ରସଙ୍ଗକୁ ନେଇ ପରୀକ୍ଷାର୍ଥୀ ମାନେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ କାର୍ଯ୍ୟାଳୟ ଘେରାଓ କରିଛନ୍ତି । ସେମାନେ ଏହି ମାମଲାରେ ସାମିଲ ଥିବା ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଆନ୍ଦୋଳନ କରୁଥିବା ପରୀକ୍ଷାର୍ଥୀ ମାନେ ପୁନଃ ଘୋଷଣା ହୋଇଥିବା ପରୀକ୍ଷା ସ୍ୱଚ୍ଛତାର ସହ ସମ୍ପାଦନ ନେଇ ମଧ ପ୍ରଶ୍ନ ଉଠାଇଛନ୍ତି । ଉଲ୍ଲେଖନୀୟ ଯେ, ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ଜେଇ ସିଭିଲ ମେନ୍ ପରୀକ୍ଷାକୁ ରଦ୍ଦ କରି ଦିଆଯାଇଥିବା ନେଇ ଗତ କାଲି ଓଡିଶା ଷ୍ଟାଫ ସିଲେକ୍ସନ କମିଶନର ଅଧକ୍ଷ ଅଭୟ ସୂଚନା ଦେଇଥିଲେ । ସେ ଟ୍ୱିଟ କରି କହିଥିଲେ, ଗତ ୧୬ ତାରିଖରେ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଛି । ବାଲେଶ୍ୱର ଏସପିଙ୍କ ରିପୋର୍ଟ ଅନୁସାରେ ପରୀକ୍ଷା ରଦ୍ଦ ହୋଇଛି । ଏଥିସହ ସେପ୍ଟେମ୍ବର ୩ରେ ସାନି ପରୀକ୍ଷା ନେଇ ସୂଚନା ଜାରି କରାଯାଇଥିବା ସେ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇ କହିଥିଲେ, ଯେ ଅନୁସନ୍ଧାନରୁ ସ୍ପଷ୍ଟ ହୋଇଛି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି । ଓଏସଏସସି ପକ୍ଷରୁ ସେଦିନ ଜେଇଇ ସିଭିଲ ମେନ୍ ପରୀକ୍ଷା ଥିଲା । ପରୀକ୍ଷା ପୂର୍ବରୁ ଯେଉଁ ପ୍ରଶ୍ନପତ୍ର ମିଳିଥିଲା ତାହା ମେଳ ଖାଉଛି । ତେଣୁ ଆମେ ଏନେଇ ଓଏସଏସସି କୁ ଲିଖିତ ଭାବେ ଅବଗତ କରିଛୁ ବୋଲି ସେ କହିଥିଲେ । ଏହି ସମଗ୍ର ଘଟଣାରେ ୯ ଜଣ ଗିରଫ ହୋଇଥିବା ଓ ମାଷ୍ଟରମାଇଣ୍ଡ ଚିହ୍ନଟ ହୋଇଥିବା ସେ ପ୍ରକାଶ କରିଥିଲେ । ମାଷ୍ଟର ମାଇଂଡ ଓ ରାଜ୍ୟରେ ବାହାରେ ରହିଛି । ତାକୁ ଧରିବା ପାଇଁ ସବୁ ପ୍ରକାର ଉଦ୍ୟମ ଚାଲିଛି ବୋଲି ସେ କହିଥିଲେ । ସେ କହିଥିଲେ, ପିଲାଙ୍କ ଠାରୁ ପ୍ରଶ୍ନପତ୍ର ପାଇଁ ୮ରୁ ୧୦ ଲକ୍ଷ ନେବାକୁ ଚୁକ୍ତି ହୋଇଥିଲା । ଧରାପଡ଼ିଥିବା ରାକେଟ ଅନ୍ୟ ରାଜ୍ୟରେ ମଧ ସମାନ କାର୍ଯ୍ୟ କରୁଥିଲେ ବୋଲି ସେ କହିଥିଲେ ।

## ମଣିପୁରକୁ ନେଇ ବିରୋଧୀ-ସରକାର ମୁହାଁମୁହିଁ, ଚାଲିପାରୁନି ସଂସଦ

ନୂଆଦିଲ୍ଲୀ, ୨୪।୭(ପି.ଏନ): ମଣିପୁର ହିଂସାକୁ ନେଇ ବିରୋଧୀ ଓ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଛି। ୨୦ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ମଣିପୁର ତାତି ଯୋଗୁ ଗୃହରେ ଅଚଳାବସ୍ଥା ଲାଗି ରହିଛି ।ବିରୋଧୀ ଦଳଗୁଡିକ ମଣିପୁର ହିଂସା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବି କରିଛନ୍ତି।

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ : ଆଗାମୀ ୨୪ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା

ଭୁବନେଶ୍ୱର, ୨୪।୭(ପି.ଏନ): ପଶ୍ଚିମ କେନ୍ଦ୍ରୀୟ ତତ-ସଂଲଗ୍ନ ଉତରପଶ୍ଚିମ ବଙ୍ଗୋପସାଗର ଅଂଚଳର ବାୟୁମଣ୍ଡଳରେ, ସମୁଦ୍ର ପତନ ଠାରୁ ୫.୮ ରୁ ୭.୬ କି.ମି. ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ୨୫ ତାରିଖରୁ ବଢ଼ିବ ବର୍ଷାର ପରିମାଣ ଏବଂ ବିସ୍ତୃତି । ଏନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ପୁରୀ ସହରବାସୀଙ୍କ ପାଇଁ ଖୋଲିଲା ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର

ପୁରୀ, ୨୪।୭(ପି.ଏନ): ପୁରୀ ସହରବାସୀଙ୍କ ପାଇଁ ଆଜି ଠାରୁ ଖୋଲିଛି ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର । ଭକ୍ତ ମାନେ ନିଜ ନିଜର ପରିଚୟ ପତ୍ର ଦେଖାଇ ବ୍ୟାରିକେଡ୍ ଦେଇ ଯାଇ ପଶ୍ଚିମ ଦ୍ୱାରରେ ପ୍ରବେଶ ପୂର୍ବକ ଶ୍ରୀଜୀଉମାନଙ୍କ ଦର୍ଶନ କରୁଛନ୍ତି । ଚାରି ଦ୍ୱାରଦେଇ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ନେଇ ବିଭିନ୍ନ ମହଲରେ ଦାବି ପରେ ଶେଷରେ ଖୋଲିଛି ପଶ୍ଚିମ ଦ୍ୱାର । ଭକ୍ତ, ସେବାୟତ, ନେତା, ମନ୍ତ୍ରୀଙ୍କ ପରେ ଗତକାଲି ଏନେଇ ଟ୍ୱିଟ୍ କରି ସରକାରଙ୍କୁ ଦାବି ଜଣାଇଥିଲେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ । ସ୍ଥାନୀୟ ଲୋକଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ତୁରନ୍ତ ଅତି କମ୍ ରେ ଶ୍ରୀମନ୍ଦିରର ଆଉ ଏକ ଦ୍ୱାର ଖୋଲାଯାଉ, ନଚେତ୍ ସୋମବାର ସକାଳ ଠାରୁ ପଶ୍ଚିମ ଦ୍ୱାର ସମ୍ମୁଖରେ ବସି ସେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିବେ ବୋଲି ଚେତାବନୀ ଦେଇଥିଲେ । ତେଣୁ ଦାବିକୁ ଗୁରୁତ୍ୱର ସହ ନେଇ ଗତକାଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିବା ସବ୍ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, କୋଭିଡ୍ ସମୟରେ ଶ୍ରୀମନ୍ଦିରର ତିନି ଦ୍ୱାର ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିଥିଲା । ସେବେଠୁ ଭକ୍ତ ମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ ପୂର୍ବକ ଶ୍ରୀଜୀଉଙ୍କ ଦର୍ଶନ କରୁଥିଲେ । ଏବେ ପୁରୀ ସହରବାସୀଙ୍କ ପାଇଁ ପଶ୍ଚିମ ଦ୍ୱାର ଖୋଲିବା ପରେ ସିଂହଦ୍ୱାରରେ ଭକ୍ତଙ୍କ ଭିଡ଼ ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

## ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ବୋଝେଇ ୫ଟି ମୋଟର ସାଇକେଲ ଜବତ : ୫ ଗିରଫ

ଜୟପୁର, ୨୪।୭(ପିଏନ): ମାଲକାନଗିରି ଜିଲ୍ଲା ପାଡ୍ରୁଆ ଅଂଚଳରୁ ଗଞ୍ଜେଇ କିଣି ୫ଟି ମୋଟର ସାଇକେଲ ଯୋଗେ ମାଛକୁଣ୍ଡ ଦେଇ ଜୟପୁର ଚୋରା ଚାଲାଣ କରୁଥିଲେ ୧୦ ଜଣ ଯୁବକ। କୌଣସି ସୂତ୍ରରୁ ଖବର ପାଇ ମାଛକୁଣ୍ଡ ପୋଲିସ ଅନକାଡ଼େଲି ଗ୍ରାମରେ ଜଗି ରହିଥିଲା। ଦ୍ରୁତ ଗତିରେ ଆସୁଥିବା ୫ଟି ମୋଟର ସାଇକେଲକୁ ଅଟକାଇଥିଲା ପୋଲିସ।

## ଗ୍ୟାଙ୍ଗଷ୍ଟର ଟିଟୋକୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



କେନ୍ଦ୍ରାପଡ଼ା, ୨୪।୭(ପି.ଏନ): କେନ୍ଦ୍ରାପଡାର ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟର ସୟଦ ଉସମାନ ଅଲ୍ଲୀ ଓରଫ ଟିଟୋକୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ। ପୂର୍ବରୁ ପାଇଥିବା ଜାମିନ ରଦ୍ଦ କରି ଗିରଫ ନିର୍ଦ୍ଦେଶ ଦେଲେ କୋର୍ଟ। ଜାମିନ ସର୍ତ୍ତ ଖିଲାପ କରିବାରୁ ତାକୁ ଗିରଫ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨ଟି ମାମଲାରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲା ଟିଟୋ। ସର୍ତ୍ତ ଅନୁସାରେ ପ୍ରତି ସପ୍ତାହରେ ଥାନାରେ ହାଜର ନିର୍ଦ୍ଦେଶ ଥିଲା। ତେବେ ସର୍ତ୍ତ କୋହଳ କରିବାକୁ ପୁଣି କୋର୍ଟ ଯାଇଥିଲା ଟିଟୋ। କିନ୍ତୁ କୋର୍ଟ କିଛି ରାୟ ଦେବା ପୂର୍ବରୁ ସେ ଥାନା ହାଜିରା ବନ୍ଦ କରିଦେଇଥିଲା। ଏନେଇ କେନ୍ଦ୍ରାପଡା ଟାଉନ ଥାନା ପକ୍ଷରୁ କୋର୍ଟକୁ ଅବଗତ କରାଯାଇଥିଲା। କେନ୍ଦ୍ରାପଡ଼ା ଟାଉନ ଥାନା ଆଇଆଇସିଙ୍କ ଆବେଦନକୁ ବିଚାର କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ବାରମ୍ବାର ପରୀକ୍ଷା ବାତିଲ, କାର୍ଯ୍ୟାନୁଷ୍ଠାନ ଶୂନ: କାହା ସୁରକ୍ଷାରେ ଅଭୟ, ଅନିଶ୍ଚିତତାରେ ଓଡିଆ ପିଲାଙ୍କ ଭବିଷ୍ୟତ




ଭୁବନେଶ୍ୱର, ୨୪।୭(ପି.ଏନ): ରାଜ୍ୟ ସରକାରଙ୍କ ନିଯୁକ୍ତି ସଂସ୍ଥା ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ଦ୍ୱାରା ଜେଇ ସିଭିଲ ମେନ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗର ପ୍ରମାଣ ମିଳିବା ପରେ ଗତକାଲି ଏହି ପରୀକ୍ଷାକୁ ବାତିଲ କରାଯାଇଛି । ଏହି ପରୀକ୍ଷା ବାତିଲକୁ ନେଇ ଆଜି ରାଜନୀତିକ ସରଗରମ ବୃଦ୍ଧି ପାଇଥିବାବେଳେ ଚାକିରି ଆଶାୟୀ ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରି ନିଜର ପ୍ରତିବାଦ ଜଣାଇଛନ୍ତି । ତେବେ ଗତ ୨-୩ବର୍ଷ ଧରି ରାଜ୍ୟ ସରକାର ନିଯୁକ୍ତି ସଂସ୍ଥାଗୁଡିକ ବିରୁଦ୍ଧରେ ବାରମ୍ବାର ଏଭଳି ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ଆସିବା ଏବଂ ପରୀକ୍ଷା ବାତିଲର ପୁନରାବୃତ୍ତି ହେବା ତଥା ନିଯୁକ୍ତି ପ୍ରକ୍ରିୟାରେ ପାରଦର୍ଶିତା ଆଣିବା ପାଇଁ ରାଜ୍ୟ ସରକାର କାହିଁକି ଆଖିଦୃଶିଆ ପଦକ୍ଷେପ ନନେଇ ଏହି ସଂସ୍ଥାଗୁଡିକୁ ଅବସରପ୍ରାପ୍ତ ଅଫିସରଙ୍କ ଥଇଥାନ କେନ୍ଦ୍ର କରିଛନ୍ତି ତାହା ଏବେ ସବୁଠୁ ବଡ ପ୍ରଶ୍ନ ହୋଇଛି । ଗତ ବର୍ଷକ ମଧ୍ୟରେ ଓଡିଶା ଷ୍ଟାଫ ସିଲେକ୍ସନ କମିଶନଙ୍କ ଦ୍ୱାରା ୨ଟି ପରୀକ୍ଷା ବାତିଲ ହୋଇଥିବାବେଳେ ରାଜ୍ୟ ସରକାର ଏ ଦିଗରେ ସମ୍ପୂର୍ଣ୍ଣ ଆଖି ବୁଜିଦେବା ଓ ଜଣେ ଅଣଓଡିଆ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ କାହିଁକି ସେଥିରେ ଥଇଥାନ କରିଛନ୍ତି ଏବଂ ତାଙ୍କୁ କାହିଁକି ଅତି ମାତ୍ରାରେ ସୁରକ୍ଷା ଦେଉଛନ୍ତି ତାହା ମଧ ରାଜ୍ୟ ସରକାରଙ୍କ ଭୂମିକାକୁ ସନ୍ଦେହଘେରକୁ ଆଣିଛି । ସୂଚନା ଅନୁସାରେ, ଗତବର୍ଷ ନଭେମ୍ବର ମାସରେ ୧୦୦୮ଟି ପଦବୀ ନିମନ୍ତେ ଜେଇ ସିଭିଲ୍ ପରୀକ୍ଷାର ପ୍ରକ୍ରିୟା ଆରମ୍ଭ କରିଥିବା ଓଡିଶା ଷ୍ଟାଫ ସିଲେକ୍ସନ କମିଶନଙ୍କ ପ୍ରଶ୍ନପତ୍ର ବିକ୍ରି ଅଭିଯୋଗର ପ୍ରମାଣ ପାଇବା ପରେ ଗତକାଲି ଏହି ପରୀକ୍ଷାକୁ ବାତିଲ କରି ପୁନଃ ସେପ୍ଟେମ୍ବର ୩ତାରିଖରେ କରାଯିବ ବୋଲି ବିଜ୍ଞପ୍ତି ଜାରି କରିଛନ୍ତି । ତେବେ ଏହି ପରୀକ୍ଷା ପ୍ରଶ୍ନପତ୍ର କିଭଳି ଲିକ୍ ହେଲା ସେ ନେଇ ଷ୍ଟାଫ ସିଲେକ୍ସନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ କିଛି ବି ସ୍ପଷ୍ଟୀକରଣ ଦିଆଗଲାନି । ଗତବର୍ଷ ଏପ୍ରିଲ ମାସରେ ଅନୁରୂପ ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମୋଟ ୬୫ଟି ଆକାଉଣ୍ଟାଣ୍ଟ ପଦବୀରେ ନିଯୁକ୍ତ ପ୍ରକ୍ରିୟା ପାଇଁ ପରୀକ୍ଷା କରିବାର ଗୋଟିଏ ଦିନ ପରେ ଏହାକୁ ଷ୍ଟାଫ ସିଲେକ୍ସନ କମିଶନ ବାତିଲ କରି ଦେଇଥିଲେ । ଏହି ପରୀକ୍ଷାର ପ୍ରଶ୍ନପତ୍ରରେ ଓଡିଆ ଭାଷାକୁ କଦର୍ଥ କରାଯାଇଥିବାର ଅଭିଯୋଗ ହୋଇଥିଲା । ଏପ୍ରିଲରେ ବାତିଲ ହୋଇଥିବା ଏହି ପରୀକ୍ଷା ଏପର୍ଯ୍ୟନ୍ତ ହୋଇପାରିନି । ତେବେ ପ୍ରଶ୍ନ ଉଠୁଛି, ଏହି ବାରମ୍ବାର ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ସହ ପ୍ରଶ୍ନପତ୍ର ଲିକ୍ କଥା କୁହାଯାଉଥିଲେ ମଧ ରାଜ୍ୟ ସରକାର କାହିଁକି ନିରବଦ୍ରଷ୍ଟା ସାଜିଛନ୍ତି । ଗତବର୍ଷ ଏପ୍ରିଲମାସରେ ଓଡିଆ ଭାଷାକୁ ପ୍ରଶ୍ନପତ୍ରରେ କଦର୍ଥ କରିବା ଓ ଉକ୍ତ ପରୀକ୍ଷାକୁ ବାତିଲ କରିବା ପ୍ରସଙ୍ଗରେ ଷ୍ଟାଫ ସିଲେକ୍ସନ କମିଶନଙ୍କୁ ପଦୁଟିଏ ବି ସ୍ପଷ୍ଟୀକରଣ ମାଗିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଇଲେ ନାହିଁ । ଯଦିଓ ହଜାର ହଜାର ମେଧାବୀ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ । ଏବେ ଅନୁରୂପ ଭାବେ ଜେଇ ସିଭିଲ୍ ପରୀକ୍ଷା(ମେନ)କୁ ଅଚାନକ ବାତିଲ କରାଯିବା ଓ କମିଶନଙ୍କ ଅପାରଗତାରୁ କିଛି ଅସାଧୁ ଗୋଷ୍ଠୀ ସକ୍ରିୟ ହୋଇ ପ୍ରଶ୍ନପତ୍ର ଲିକ୍ କରିଥିଲେ ମଧ ତା'ର ଫଳ ଚାକିରି ଆଶାୟୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ଭୋଗିବାକୁ ପଡିଲା । ପିଲାମାନେ ଆଜି ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ କମିଶନଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ ମଧ କମିଶନ କିମ୍ବା ସରକାର ସେଥିପ୍ରତି ଦୃଷ୍ଟି ଦେଲେନି ।

## ସ୍ମାର୍ଟସିଟି ଭୁବନେଶ୍ୱରରେ ଡେଙ୍ଗୁ ଅବସ୍ଥା ଅସମ୍ଭାଳ, ସରକାର ନିଘୋଡ ନିଦରେ: ବିଜେପି

ଭୁବନେଶ୍ୱର, ୨୪।୭(ପି.ଏନ): ବିଏମସି ଅବହେଳାରୁ ସ୍ମାର୍ଟ ସିଟି ଭୁବନେଶ୍ୱର ଏବେ ଡେଙ୍ଗୁର ହଟ୍‌ସ୍ପଟ ପାଲଟିଛି। ବିଏମସି ରାଜଧାନୀର ବିଭିନ୍ନ ସ୍ଥାନରେ ଆବର୍ଜନା ଏବଂ ଅପରିଷ୍କାର ପାଣି ଜମାରହୁଥିବା ବେଳେ ଡେଙ୍ଗୁରୋଗର ବାହକ ଏଡିସ ମଶାର ବଂଶ ବିସ୍ତାର ପାଇଁ ସୁବିଧା ହେଉଛି। କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୧୩୦ରୁ ଅଧିକ ନମୁନା ପରୀକ୍ଷା କରାଯାଉଥିବାବେଳେ ୨୯ପଜିଟିଭ ବାହାରୁଛି ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ କହିଛନ୍ତି।ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ତାଙ୍କ ଦଳର ନେତା ମନ୍ତ୍ରୀମାନେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିଶ୍ୱସ୍ତରୀୟ କହୁଥିବାବେଳେ ୨୩ବର୍ଷ ଶାସନରେ ସ୍ମାର୍ଟସିଟି ଭୁବନେଶ୍ୱରରେ ପାଖାପାଖି ୩୦ପ୍ରତିଶତ ଡେଙ୍ଗୁ ରୋଗୀ। ଏହା ଆମେ କହୁନୁ କ୍ୟାପିଟାଲ ହସ୍ପିଟାଲର ତଥ୍ୟ କହୁଛି। ରାଜଧାନୀରେ ଡେଙ୍ଗୁରେ ୨ଟି ମୁଣ୍ଡ ଗଡିଲାଣି ଅଥଚ ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ଭୁବନେଶ୍ୱରରେ ଡେଙ୍ଗୁର ଅବସ୍ଥା ଅସମ୍ଭାଳ ହୋଇଥିବାବେଳେ ରାଜ୍ୟ ସରକାର ନିଜର ଅପାରଗତାକୁ ଘୋଡାଇବା ପାଇଁ ତଥ୍ୟ ଲୁଚାଉଛନ୍ତି। ଡେଙ୍ଗୁ ଜନିତ ମୃତ୍ୟୁକୁ ଅସ୍ୱୀକାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଡେଙ୍ଗୁ ମୃତ୍ୟୁକୁ ନମାନିବା ସରକାରଙ୍କ ଅସହାୟତାକୁ ପ୍ରକାଶ କରୁଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ବିଭିନ୍ନ ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ପ୍ରକାଶଥାଉ କି, ଗତବର୍ଷ ମଶା ଉପଦ୍ରବ ସମୟରେ ବିଏମସି ମଶା ମାରିବା ପାଇଁ "ଡ୍ରୋନ ସ୍ପ୍ରେ ଯୋଜନା"ର ମିଡିଆ ଇଭେଂଟ କରିଥିଲା। ଚଳିତବର୍ଷ ସେ ଡ୍ରୋନ ସ୍ପ୍ରେ କୁଆଡେ ଗଲା ବୋଲି ଶ୍ରୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ରାଜଧାନୀରେ ଡ୍ରେନ ଅବ୍ୟବସ୍ଥା, ରାସ୍ତାରେ ପାଣିଜମା ହେଉଥିବାରୁ ଡେଙ୍ଗୁ ମଶାର ବଂଶ ବିସ୍ତାର ହେଉଛି। ଜଳ ନିଷ୍କାସନ ପାଇଁ ଥିବା ଡ୍ରେନ ପୋତାଯାଇ କେଉଁଟି ବିଲ୍ଡିଂ ହେଲାଣି ତ କେଉଁଠି ରାସ୍ତା, କେଉଁଠି ଠିକାଦାର ଓ ବିଲ୍‌ଡରଙ୍କୁ ଟେକି ଦିଆଯାଉଛି। ଆଉ ଏକ ଅଭାବନୀୟ ଘଟଣା ଯେ, କ୍ୟାପିଟାଲ ହସ୍ପିଟାଲ ପାଚେରୀକୁ କଡରେ ଅଳିଆ ନନ୍ଦମାର ଅସ୍ଥାୟୀ ଡମ୍ପିଆଡ ସୃଷ୍ଟି ହୋଇଛି। ଯାହାକି କି ସେଠାରେ ମଶା ବଂଶ ବୃଦ୍ଧିର କାରଣ ପାଉଟିଛି। ସେଠାରେ ଗଦାହୋଇଥିବା ପ୍ଲାଷ୍ଟିକ ଗ୍ଲାସ୍, ବୋଟଲ୍ ଭିତରେ ପାଣି ଜମି ରହି ମଶା ବଂଶବୃଦ୍ଧି ଘଟୁଛି। ଏହିପରି ରାଜଧାନୀର ଅନେକ ସ୍ଥାନରେ ଅଳିଆ ଆବର୍ଜନାର ଅସ୍ଥାୟୀ ଡମ୍ପିଆଡ ଚିନ୍ତାର କାରଣ ପାଲଟିଛି। ଏସବୁ ପ୍ରତି ବିଏମସି ଆଖିବୁଜି ଦେଇଛି। ରାଜଧାନୀରେ ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣରେ ନାହିଁ। ଲୋକଙ୍କ ଜୀବନ ଯାଉଛି। ସରକାର ନିଦରୁ ଉଠନ୍ତୁ, ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଡିଣ୍ଡିମ ନପିଟି ବାସ୍ତବିକତାକୁ ଗ୍ରହଣ କରନ୍ତୁ । ରାଜଧାନୀ ସମେତ ସମଗ୍ର ରାଜ୍ୟବାସୀ କିଭଳି ଡେଙ୍ଗୁରୁ ରକ୍ଷା ପାଇବେ ସେଥିପାଇଁ ସ୍ୱାସ୍ଥ୍ୟବିଭାଗ ଓ ବିଏମ୍‌ସି କର୍ତୃପକ୍ଷ ଉତର ଦାୟିତ୍ୱ ନିଅନ୍ତୁ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

## ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଥିଲେ ମୁଖ୍ୟମନ୍ତ୍ରୀ, ହଠାତ୍ ହେଲା ପଥର ମାଡ



ନୂଆଦିଲ୍ଲୀ, ୨୪।୭(ପି.ଏନ): ମେଘାଳୟ ମୁଖ୍ୟମନ୍ତ୍ରୀ କନର୍ଡ ସାଙ୍ଗମା ଓ ତାଙ୍କ କାର୍ଯ୍ୟାଳୟ ଉପରକୁ ଆଜି ଶତାଧିକ ଲୋକ ଏକାଠି ହୋଇ ପଥର ମାଡ କରିଛନ୍ତି। ଏହି ଆକ୍ରମଣରେ ମୁଖ୍ୟମନ୍ତ୍ରୀଙ୍କ ଅଫିସର ସୁରକ୍ଷା ଦାୟିତ୍ୱରେ ଥିବା ୫ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛନ୍ତି। ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ମୁଖ୍ୟମନ୍ତ୍ରୀ ସାଙ୍ଗମା ଏବେ ବି ତୁରା ସ୍ଥିତ ଅଫିସ ଭିତରେ ରହିଛନ୍ତି। ଅଫିସ ବାହାରେ ଶତାଧିକ ଆନ୍ଦୋଳନକାରୀ ଆଟାକିଂ ମୁଡରେ ରହିଛନ୍ତି। ତୁରାରେ ଗୋଟିଏ ଶୀତକାଳୀନ ରାଜଧାନୀ ଗଠନ କରିବା ଦାବିରେ ଗାରୋ ଭିତ୍ତିକ ସାମାଜିକ ସଂଗଠନ ପକ୍ଷରୁ ଆମରଣ ଅନଶନ କରାଯାଉଥିଲେ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଝଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ । ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି । ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି । 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି । ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି । ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ । 'ହେନ ନା' ଅର୍ଥ ଅଲୌକିକ । ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ । ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି । ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ


**ମେଷ** - ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


**ବୃଷ** - ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


**ମିଥୁନ** - ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


**କର୍କଟ** - ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


**ସିଂହ** - ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


**କନ୍ୟା** - ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


**ତୁଳା** - ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


**ବିଛା** - ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** - ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


**ମକର** - କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


**କୁମ୍ଭ** - ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


**ମୀନ** - ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୨୫

# ଆବେଗର ନିବିଡ଼ ମୂର୍ତ୍ତି : ଜେଜେମା



ସୌମ୍ୟସାଇ ସିଦ୍ଧାର୍ଥ ଭୂୟାଁ

ପିତୃ ଓ ମାତୃ ଦିବସ ଭଳି ଜୁଲାଇ ୨୩ରେ ପାଳିତ ହୁଏ ଜେଜେମାଆ ଦିବସ। ଏହି ଦିବସ ପାଳନ ଆମେରିକାରେ ଆରମ୍ଭ ହୋଇଥିଲା। ଏବେ ଗୁଡ଼ିଏ ଦେଶରେ ପାଳନ କରାଯାଉଛି। ଆମ ଭାରତରେ ମଧ୍ୟ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏହି ଦିବସକୁ ପାଳନ କରିଥାନ୍ତି। ଓଡ଼ିଶାରେ ସରସ୍ୱତୀ ଶିଶୁମନ୍ଦିର ଅନୁଷ୍ଠାନରେ ମଧ୍ୟ ନିଜ ନିଜର ଜେଜେ ଓ ମାଆ ମାନଙ୍କୁ ବର୍ଷର ଏକ ସ୍ୱତନ୍ତ୍ର ଦିବସରେ ପାଦ ପୂଜା କରି ସେମାନଙ୍କୁ ସମ୍ମାନିତ ମଧ୍ୟ କରାଯାଏ। ଏହି ଦିବସ ଅବସରରେ ଜେଜେମାଆ ମାନଙ୍କ ସଂପର୍କରେ କେତେକ ଜଣା ଅଜଣା କଥା। ଯୁକ୍ତରାଷ୍ଟ୍ର ଆମେରିକାରେ ଜେଜେମାଆ ମାନଙ୍କର ହାରାହାରି ବୟସ ଅଠଚାଳିଶ ବର୍ଷ। ରୋମାନିଆର ତେଇଶ ବର୍ଷ ବୟସ୍କା ରିଫ୍‌କା ଷ୍ଟାନେସ୍‌କୁ ବିଶ୍ୱର ସର୍ବ କନିଷ୍ଠା ଜେଜେମାଆ ବୋଲି ବିଶ୍ୱାସ କରାଯାଏ। ବିଶ୍ୱର ଷାଠିଏ ପ୍ରତିଶତ ଜେଜେମାଆ ନିଜ ନିଜର ନାତି-ନାତୁଣୀଙ୍କ ଲାଳନ ପାଳନ ଭାର ଗ୍ରହଣ କରୁଥିବା ପ୍ରକାଶ। ଏମାନଙ୍କ ସଂଖ୍ୟା ଚାଇନାରେ ସର୍ବାଧିକ। ଯେଉଁ ଶିଶୁମାନଙ୍କର ଯେତେ ଅଧିକ ସମୟ ଜେଜେମାଆ ତଥା ଜେଜେବାପାଙ୍କ ପାଖରେ କଟେ, ସେମାନେ ଭବିଷ୍ୟତରେ ସେତେ ଅଧିକ ସଫଳ, ଶୃଙ୍ଖଳିତ ଓ ବ୍ୟବସ୍ଥିତ ହେଉଥିବା, ଏକ ସାମାଜିକ ଅଧ୍ୟୟନ ସୂତ୍ରରୁ ପ୍ରକାଶ। ୧୮୫୫ରେ ଚେକ ଲେଖିକା ବୋଜାଇନା ନିମକୋଭାଙ୍କ ଦ୍ୱାରା ରଚିତ ବବିଚିକା ଉପନ୍ୟାସ, ଜେଜେମାଆ ଉପରେ ଆଧାରିତ। ଏହି ଉପନ୍ୟାସର ଇଂରେଜୀ ଅନୁବାଦକ ନାମ ଦ ଗ୍ରାଣ୍ଡମା। ପ୍ରସିଦ୍ଧ କାର୍ଟୁନିସ୍ଟ ଚାର୍ଲସ୍ କୁହନ ୧୯୪୭ରେ ଗ୍ରାଣ୍ଡମା ନାମକ କମିକଷ୍ଟ୍ରିପର ପ୍ରକାଶନ ଆରମ୍ଭ କରିଥିଲେ। ୧୯୪୮-୬୯ ମଧ୍ୟରେ ଏହା ବିଶେଷ ପାଠକପ୍ରିୟତା ହାସଲ କରିଥିଲା। ୧୯୬୯ ଓ ୨୦୧୫ରେ ଗ୍ରାଣ୍ଡମା ନାମରେ ଦୁଇଟି ଫିଲ୍ମ ତିଆରି ହୋଇଥିଲା। ଗ୍ରାଣ୍ଡମା ଡକ୍ ଏକ ପ୍ରସିଦ୍ଧ ଡିଜନି କାର୍ଟୁନ।

ହୁଏତ ଏହି ଦିବସଟିକୁ ବିଧିବଦ୍ଧ ଭାବେ କେହି କେହି ଗ୍ରହଣ ନକରିପାରନ୍ତି ବା ଏହାକୁ ବିଦେଶୀ ସଂସ୍କୃତି କହି ପାରନ୍ତି। କିନ୍ତୁ ଓଡ଼ିଆ ଜନ ଜୀବନକୁ ଦେଖିଲେ ଏହା ବେଶ ସୁସ୍ପଷ୍ଟ ଜେଜେମାଙ୍କ ସହ ନାତି ନାତୁଣୀଙ୍କ ସମ୍ପର୍କ ଏପରି ହୃଦୟ ଆବେଗିକ ତାହା ଅବର୍ଣ୍ଣନୀୟ। ଯେଉଁ ଘରେ ଜଣେ ଗୃହ ମୁରବୀ ହିସାବରେ ଜେଜେମା ଥାଆନ୍ତି ସେ ଘର ଅନ୍ତତଃ ତୃତୀୟ ପିଢ଼ୀକୁ ଦେଖିଥାଏ ଏବଂ ଘର ପ୍ରୟୋଜନ ମନେ କରୁଥିବା ଅନେକ ମୂଲ୍ୟବାନ ପରାମର୍ଶ ଏହି ଜେଜେମା ମାନେ ଦେଇଥାନ୍ତି। ସେମାନଙ୍କ ବର୍ଷ ବର୍ଷର ଜୀବନ ତମାମର ଅନୁଭୂତି ଅଙ୍ଗେନିଭା କଥା ଆମ ମାନଙ୍କୁ ନିଜ ନିଜ ଜୀବନକୁ ଗଢ଼ି ତୋଳିବା ପାଇଁ ଅନେକ ପ୍ରେରଣା ଦେଇଥାଏ। ଏକ ସାଂସାରିକ ଜୀବନ ଆରମ୍ଭ ହେବା ପରେ ସେମାନଙ୍କ ପିତାମାତା ବିଶେଷ କରି ଜେଜେମା ମାନେ ଏକ ନାତିନାତୁଣୀ ଦେଖିବା ପାଇଁ ସେମାନଙ୍କର ବର୍ଷ ବର୍ଷର ପ୍ରତୀକ୍ଷା ଥାଏ। ତାଙ୍କ କୋଳକୁ ଏକ ନାତି ବା ନାତୁଣୀ ଆସିବା ପରେ ସେମାନଙ୍କ ଖୁସି ଓ ଆତ୍ମହରା ଆନନ୍ଦ ବାସ୍ତବିକ ଭୁଲି ହେବନାହିଁ। ଏକ ନିତିଦିନିଆ ଜୀବନରେ ଦେଖନ୍ତୁ ପରିଣତ ବୟସରେ ପହଞ୍ଚିଥିଲେ ମଧ୍ୟ ଜେଜେମା ଜଣଙ୍କ ସେମାନଙ୍କ ସବୁ ବ୍ୟସ୍ତତା ଭିତରେ ପ୍ରତି ମୁହୂର୍ତ୍ତରେ ଖୋଜି ବୁଲୁଥାନ୍ତି ସେମାନଙ୍କ ଆଦରର ନାତିନାତୁଣୀ ମାନଙ୍କୁ। ମୁଁ ବି ଜଣେ ଭାରି ଭାଗ୍ୟବାନ ଏପରି ଜଣେ ଜେଜେମା ପାଇଛି ଯିଏ କି ଅଶୀ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଏବେ ବି ମୋ ପାଇଁ ତାର ସମସ୍ତ ପ୍ରକାର ବ୍ୟସ୍ତତା କିଛି ବଦଳି ନାହିଁ। ମୁଁ ହେତୁ ପାଇବା ପରଠାରୁ ତାର ଆଦର ସ୍ନେହ ଯତ୍ନ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛି। ଘର ବାହାରକୁ ଯାଇଥିଲେ ତାର ମୋ ସହ ଯୋଗାଯୋଗ ଅହର୍ନିଶ ସେ ରଖିଥାଏ ସେ ମୋ ଭଲ ମନ୍ଦ ଜାଣିବା ପାଇଁ। ଆଜିର ତଥାକଥିତ ସ୍ୱାର୍ଥ ସର୍ବସ୍ୱ ଓ ବସ୍ତୁ ସର୍ବସ୍ୱ ଜୀବନ ଭିତରେ ଏହି ଜେଜେମା ମାନଙ୍କୁ କେହି କେହି ଅଲୋଡ଼ା ଅନାବଶ୍ୟକ ମନେକରି ସେପରି କିଛି ଅଭାବନୀୟ ଦୁଃଖଦ ଘଟଣା ଗଣମାଧ୍ୟମରେ ଦେଖୁ କେବେ କେବେ ଆଖପାଖରେ ଦେଖିବାକୁ ପାଇଥାଉ। ମନର ପ୍ରତିଟି କ୍ଷଣ ଭିତରେ ଆମ ହୃଦୟର ଆବେଗ ଭିତରେ ଅହର୍ନିଶ ଆମ ଶୁଭ ମାନସିକ ରଖୁଥିବା ସେହି ଜେଜେମାଙ୍କ ପାଦ ପଦ୍ମରେ ଆମର ଭକ୍ତିପୂତ ପ୍ରଣତି।

ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର,
ଦୂରଭାଷ : ୯୦୯୦୦୫୧୫୪୩

# ସ୍ଲିପ୍ ଡିଭୋର୍ସ



ଡାକ୍ତର ସମ୍ରାଟ କର

ବହୁଦିନ ପରେ ସୁଦୂର କାଲିଫର୍ଣ୍ଣିଆରୁ ଦେବଦତ୍ତ ବାବୁ ଫୋନ କଲେ। ତାଙ୍କ ସାନ ଭାଇଙ୍କର ଏକ ଦାମ୍ପତ୍ୟ ଜୀବନର ସମସ୍ୟା ନେଇ ସେ ମୋ ସହିତ କଥା ହେଲେ। ମୁଁ ତାଙ୍କୁ ସବିଶେଷ ପଚାରିବା ପରେ ସେ କହିଲେ ସାନ ଭାଇର ପ୍ରେମ ବିବାହ ହୋଇଛି। କିନ୍ତୁ ମୁଁ ଲକ୍ଷ୍ୟ ରଖୁଛି ସେ କିଛି ଦିନ ହେଲା ରାତିରେ ଶୋଇଲା ବେଳେ ସେ ଏକଲା ଡ୍ରଇଂ ରୁମରେ ଶୋଉଛି। କାଳେ କୌଣସି ମାନସିକ ସମସ୍ୟା ଥିବ ଭାବି ମୁଁ ତୁମର ସାହାଯ୍ୟ ଟିକେ ନେବା ପାଇଁ ଚାହୁଁଛି। ମୁଁ ତାଙ୍କୁ ଏଥିନେଇ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ ଧରିବା ପାଇଁ କହିଲି ଏବଂ ଏହା ସେତେବଡ଼ ମାନସିକ ସମସ୍ୟା ନୁହେଁ ବୋଲି ତାଙ୍କୁ ଆଶ୍ୱସ୍ତ କରି ଭାଇଙ୍କ ସମ୍ବନ୍ଧରେ କିଛି ବ୍ୟକ୍ତିଗତ ଖବର ପଚାରି ବୁଝିଲି। ଏହା ପଛରେ ନିଶ୍ଚିନ୍ତ ଦାମ୍ପତ୍ୟ ତିକ୍ତତା ରହିଛି ବୋଲି ଜଣାଇ ମୁଁ ତାଙ୍କୁ କହିଲି ଦିନ ସାରା କାମ କରିବା ପରେ ସମସ୍ତେ ରାତିରେ ଶାନ୍ତିରେ ଶୋଇବାକୁ ଚାହାନ୍ତି। କିନ୍ତୁ ଯଦି ଶୋଇବା ସମୟରେ ଆପଣଙ୍କ ନିଦ କୌଣସି କାରଣ ପାଇଁ ଭାଙ୍ଗୁଥାଏ ନିଶ୍ଚୟ ଚିଡ଼ିଚିଡ଼ା ଲାଗେ। ଏହା ସେତେବେଳେ ହୋଇଥାଏ ଯେତେବେଳେ ଜଣକର ଶୋଇବାର ଶୈଳୀ ଯୋଗୁଁ ଆଉ ଜଣେ ଶୋଇପାରେ ନାହିଁ। ସେତେବେଳେ ସେ ଅଲଗା ଶୋଇବାକୁ ଚେଷ୍ଟା କରିଥାନ୍ତି। ଏହି ସମସ୍ୟା ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଅଧିକ ଦେଖିବାକୁ ମିଳିଥାଏ। ମନସ୍ତତ୍ତ୍ୱବିତଙ୍କ ମତରେ ଏକ ସୁସ୍ଥ ଶାରୀରିକ ସମ୍ପର୍କ ବିକାଶ କରିବା ପାଇଁ ସୁଖଦ ନିଦ୍ରାର ମଧ୍ୟ ପ୍ରୟୋଜନ ଥାଏ। କିନ୍ତୁ ବେଳେ କିଛି ପରିସ୍ଥିତି କାରଣରୁ ସ୍ୱାମୀ ସ୍ତ୍ରୀଙ୍କୁ ଅଲଗା ଶୋଇବାକୁ ପଡ଼ିଥାଏ। ଏହି ପରିସ୍ଥିତିକୁ କୁହାଯାଇଥାଏ ସ୍ଲିପ ଡିଭୋର୍ସ। ଏହାଦ୍ୱାରା ଜଣେ ଶୋଇବା ସମସ୍ୟାରୁ ମୁକ୍ତି ପାଇଥାଏ ଏବଂ ପ୍ରତିଦିନ ଝଗଡ଼ା ହେବା ବଦଳରେ ସକାଳୁ ତାଜା ଅନୁଭବ କରିଥାଏ। ସ୍ଲିପ ଡିଭୋର୍ସର ଅର୍ଥ ନୁହେଁ ପୁରସ୍କର ଠାରୁ ଅଲଗା ହୋଇଯିବା। ଏକାଠି ଗୋଟିଏ ଛାତ ତଳେ ରହି ବି ସେମାନେ କେବଳ ଶୋଇବା ସମୟରେ ଭିନ୍ନ ଭିନ୍ନ କୋଠରୀରେ ଶୋଇଥାନ୍ତି। ପରିସ୍ଥିତି ହିସାବରେ ସ୍ଲିପ ଡିଭୋର୍ସ ଅଧିକ ଦିନ କିମ୍ବା କିଛି ଘଣ୍ଟା ପାଇଁ ମଧ୍ୟ ହୋଇପାରେ। ଆମେ ସମସ୍ତେ ଜାଣିଛେ ଏକ ସୁସ୍ଥ ଜୀବନଶୈଳୀ ପାଇଁ ଭଲ ନିଦର ଆବଶ୍ୟକତା ଥାଏ। କିନ୍ତୁ ବେଳେ ବେଳେ ଜଣକର ଶୋଇବାର ଅଭ୍ୟାସ ଅନ୍ୟ ଜଣର ନିଦକୁ ଖରାପ କରିଥାଏ। ସ୍ଲିପ ଡିଭୋର୍ସର ମାନେ ନୁହେଁ ଯେ ସ୍ୱାମୀ ସ୍ତ୍ରୀର ସମ୍ପର୍କ ପ୍ରଭାବିତ ହେବା। ଅଲଗା ଅଲଗା ଶୋଇବା ଦମ୍ପତିଙ୍କର ବ୍ୟକ୍ତିଗତ ପସନ୍ଦ। ଏହା ବାସ୍ତବରେ ସେହି ସମୟକୁ ବୁଝାଇଥାଏ ଯେତେବେଳେ ଜଣେ କିଛି ଘଣ୍ଟା ବିନା କାହାର ହସ୍ତକ୍ଷେପରେ ଭଲରେ ଶୋଇବାକୁ ଚାହେଁ। ଯଦି ଜଣକର ନିଦ୍ରାଭ୍ୟାସ ସହିତ ଅନ୍ୟ ଜଣେ ଆପୋଷ ବୁଝାମଣାରେ ସ୍ଲିପ ଡିଭୋର୍ସକୁ ବିକଳ୍ପ ରୂପେ ବାଛିବା ଭୁଲ ନୁହେଁ। କିନ୍ତୁ ଏହା ଦୀର୍ଘସ୍ଥାୟୀ ହେବା ମଧ୍ୟ ବେଳେ ବେଳେ ସଂପର୍କ ଉପରେ ଖରାପ ପ୍ରଭାବ ପକାଇପାରେ ବୋଲି ମନେ କରାଯାଏ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ବିଶ୍ୱ ସମସ୍ୟା



ଅଲେଖ ଚନ୍ଦ୍ର ସାମଲ

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ୍, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି? ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେଣ୍ଡା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

*ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍)*
*ଜୟପୁର ଡିଭିଜନ,*
*ଦୂରଭାଷ : ୯୪୩୭୨୫୭୧୨୩*

# ପ୍ରଥମ ପିଲାକୁ ଗୁରୁତ୍ୱ ଦିଅନ୍ତୁ



ଅନୁପମା ଭୂୟାଁ

ଘରେ ସମସ୍ତେ ଖୁସିରେ ଥିଲେ, ସମସ୍ତ ବନ୍ଧୁବାନ୍ଧବ ବି ଆସିଥିଲେ । ନୂଆ ଜନ୍ମ ହୋଇଥିବା ଝିଅ ଅମୃତାକୁ ସମସ୍ତେ ଗେହ୍ଲା କରିବା ସହ ଆର୍ଶୀବାଦ ଦେଉଛନ୍ତି । କିନ୍ତୁ ଅନୁପମାଙ୍କ ନଜରରେ ଆସିଲା ତାଙ୍କ ପାଞ୍ଚ ବର୍ଷର ପୁଅ ହୈମବତୀ କବାଟ କୋଣରେ ଛିଡ଼ା ହୋଇ କାନ୍ଦୁଛି । ମା'ଅନୁପମା ଏହା ଦେଖି ତାକୁ ପାଖକୁ ଡାକିବାରୁ ସେ ପାଖକୁ ନଆସି ଅନ୍ୟ ଏକ ରୁମ୍ ପଳାଇଲା । ଏହା ଦେଖି ଅନୁପମା ଆଶ୍ଚର୍ଯ୍ୟ ହେଲେ ଏବଂ ହୈମବତୀ କ'ଣ ହୋଇଛି ବୁଝିପାରିଲେନି, ତାଙ୍କ ସ୍ୱାମୀଙ୍କୁ ଏହି ବାବଦରେ ଜଣାଇବାରୁ ସ୍ୱାମୀ ମଧ୍ୟ ଏକଥାରେ କିଛି ଗୁରୁତ୍ୱ ଦେଲେ ନାହିଁ । ହୈମବତୀ ନିଜକୁ ଅସୁରକ୍ଷିତ ଭାବିବା ସହିତ ତାକୁ କେହି ଭଲ ପାଉନାହାଁନ୍ତି, ସମସ୍ତେ ସାନ ଝିଅକୁ ଭଲ ପାଉଛନ୍ତି ବୋଲି ହୈମବତୀ ମନରେ ଆସିଲା, ସେ ଖାଇବା ପିଇବା ଛାଡ଼ି ଦେଲା । ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ ଏହା ଉପରେ କୁହନ୍ତି, ଏପରି ପରିସ୍ଥିତି ସୃଷ୍ଟି ହେଲେ ପିଲା ନିଜକୁ ଏକୁଟିଆପଣ ଅନୁଭବ କରେ । ତେଣୁ ସବୁ ପିଲା ଚାହାଁନ୍ତି ତାଙ୍କ ସାନ ଭାଇ ଭଉଣୀ ପରି ତାକୁ ବି ସମସ୍ତେ ଭଲ ପାଆନ୍ତୁ । ନଚେତ ପ୍ରଥମ ସନ୍ତାନ ନିଜକୁ ଅସୁରକ୍ଷିତ ଭାବି ସମସ୍ତଙ୍କଠୁ ଦୂରେଇ ରୁହେ ।

ଏହି କ୍ଷେତ୍ରରେ ମନେରଖନ୍ତୁ ସର୍ବପ୍ରଥମେ ସନ୍ତାନକୁ ଶିଶୁ ସହିତ ପରିଚିତ କରାନ୍ତୁ । ଯେତେବେଳେ ଶିଶୁ ଗର୍ଭରେ ଥାଏ, ସେତେବେଳେ ପ୍ରଥମ ସନ୍ତାନର ହାତକୁ ପେଟରେ ଲଗାଇ କୁହନ୍ତୁ, ତୋର ଛୋଟ ଭାଇ କିମ୍ବା ଭଉଣୀ ଆସୁଛି ବୋଲି । ଯଦି ଛୋଟ ସନ୍ତାନ ହେବା ସମୟରେ ବି ବଡ଼ ସନ୍ତାନ ସ୍ତନପାନ କରୁଥାଏ ତେବେ ଦୁଇଜଣକୁ ସ୍ତନପାନ କରାନ୍ତୁ । ଅଧିକାଂଶ ସମୟରେ ଦେଖାଯାଏ, ବଡ଼ ସନ୍ତାନ ସାନ ସନ୍ତାନକୁ ମାରେ, ଏହି ସମୟରେ ମାତାପିତା ସାନ ଭାଇ କି ଭଉଣୀକୁ ନମାରିବା ପାଇଁ ବୁଝେଇବେ, କିନ୍ତୁ ବାଡ଼େଇବେ ନାହିଁ । ତାକୁ ବ୍ୟସ୍ତ ରଖିବାକୁ ଚେଷ୍ଟା କରନ୍ତୁ, ଯେପରି ଜୋତା ସାଇଜି କରି ରଖିବା, ବହି ସଜାଡ଼ି ରଖିବା ପରି କାମଗୁଡ଼ିକ କରାନ୍ତୁ । କାମ ସାରିବା ପରେ ତାକୁ ଧନ୍ୟବାଦ ଦେବା ପାଇଁ ଭୁଲିଯିବେ ନାହିଁ । ପିଲାଟି ଭୁଲ କରିଥିଲେ ତାକୁ ବାଡ଼େଇବା ପରିବର୍ତ୍ତେ ବୁଝାନ୍ତୁ, କାରଣ ବାଡ଼େଇବା ପରିବର୍ତ୍ତେ ବୁଝାଇବାରେ ପିଲାଙ୍କ ଉପରେ ବେଶୀ ପ୍ରଭାବ ପଡ଼ିଥାଏ । ପିଲାଟିକୁ ଉତ୍ସାହିତ କରିବା ପାଇଁ ତା'ମନରେ ପସନ୍ଦର ଜିନିଷ ବେଶୀ ବେଶୀ ଦିଅନ୍ତୁ । ସେ ଯେପରି ଜାଣି ପାରିବ ନୂଆ ସନ୍ତାନ ଆସିବା ପରେ ବି ତାକୁ ଆଗରୁ ଯେମିତି ଭଲ ପାଉଥିଲେ, ଏବେ ବି ସେମିତି ଭଲ ପାଉଛନ୍ତି । ଡାକ୍ତରଖାନାରେ ପ୍ରସବ ସମୟରେ ଯେପରି ବଡ଼ ସନ୍ତାନ ମା' ଓ ସାନ ଭାଇ କିମ୍ବା ଭଉଣୀକୁ ଭେଟି ପରିବାର ବ୍ୟବସ୍ଥା ଥିବ । ଯେତେବେଳେ ବଡ଼ ସନ୍ତାନ ଡାକ୍ତରଖାନାକୁ ଆସିଥାଏ ସେତେବେଳେ ସାନ ସନ୍ତାନଠାରେ ନଜର ନରଖି ବଡ଼ ସନ୍ତାନ ଗେହ୍ଲା କରନ୍ତୁ । ଯେପରି ସେ ଜାଣିପାରିବନି ତା'ପ୍ରତି ଭଲ ପାଇବା କମିଯାଇଛି ବୋଲି । ରୁମରେ ବଡ଼ ସନ୍ତାନର ଫଟୋ ଲଗାନ୍ତୁ, ସେ ବେଶୀ ଖୁସି ହେବ ।

ପାରିବାରିକ ଜୀବନ ଓ ପିଲାମାନଙ୍କ ହସଖୁସିର ସଂସାର ଭିତରେ ଜୁଆର ଓ ଭଟ୍ଟାତ ନିଶ୍ଚିତ ରହିଥାଏ । ଦେଖାଯାଉଛି ଅଧିକାଂଶ ପିତାମାତା ଦୁଇ ପିଲା ବା ଦୁଇରୁ ଅଧିକ ପିଲାଥିବା ପରିବାରରେ ପିଲାମାନଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ବୁଝିବାକୁ ସମର୍ଥ ହୋଇନଥାନ୍ତି । ଏ କ୍ଷେତ୍ରରେ ପିଲାଟିର ମାନସିକ ଦୃଷ୍ଟିକୋଣ କ୍ଷତବିକ୍ଷତ ହୋଇଥାଏ ଯାହାକି ପରବର୍ତ୍ତୀ ସମୟରେ ଭରଣା କରିବା କଷ୍ଟକର ହୋଇପଡ଼ିଥାଏ ବୋଲି ମତ ଦିଅନ୍ତି ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ମାନସିକ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ନୀଳମାଧବ ରଥ । ତାଙ୍କ ମତରେ 'ପିଲାଟିର କଅଁଳ ମନ ସାନ ଭାଇଭଉଣୀ ପ୍ରତି ଶ୍ରଦ୍ଧାଶୀଳ ଓ ପ୍ରେମପୂର୍ଣ୍ଣ ଥିଲେ ବି ସେମାନଙ୍କୁ ମାନସିକ ପ୍ରେରଣା ଦେବା ମୁଖ୍ୟ ଦାୟିତ୍ୱ ବାପା ମା ଓ ତାହାର ଆଖପାଖର ସମସ୍ତ ପରିବାରର ସଦସ୍ୟମାନଙ୍କର । ଘରେ ଦୁଇଟି ପିଲାଙ୍କ ଭିତରେ ମାଆ ଠାରୁ କ୍ଷୀର ଖାଇବା ହେଉ କିମ୍ବା ଖେଳନାର ଭଙ୍ଗା ଗଢ଼ା କଥା, ବୟସ୍କ ଜେଜେବାପା ଜେଜେମା କିମ୍ବା ଅଜା ଆଇଙ୍କ ସ୍ନେହ ସାନ ପିଲାଟି ପ୍ରତି ବଢ଼ିଗଲେ ବଡ଼ପିଲାଟି ବୁଝିନପାରି ମନ ଉଣା କରିଥାଏ ବୋଲି ନିଜ ବ୍ୟକ୍ତିଗତ ଅନୁଭୂତି ବିଷୟରେ କୁହନ୍ତି ଶଙ୍କରପୁରର ଜୟନ୍ତୀ ଛାଟୋଇ । ପିଲାମାନଙ୍କୁ ସ୍ନେହ ଶ୍ରଦ୍ଧା ପ୍ରଦାନ କ୍ଷେତ୍ରରେ ବିଶିଷ୍ଟ ଜ୍ୟୋର୍ତିବିତ୍ ଅଜୟ କୁମାର ବେହେରାଙ୍କ ମତରେ 'ପ୍ରଥମ ପିଲାକୁ ତା'ର ଛୋଟ ଭାଇ ବା ଭଉଣୀକୁ ସ୍ନେହ ଦେବା ପାଇଁ ଶିକ୍ଷା ଦିଅନ୍ତି । କାରଣ ସେହି ଅମୃତର ଶିଶୁଟି ଜାଣିନଥାଏ ଯେ ତାର ସାନ ଭାଇଟି ହିଁ ଗୋଟିଏ ରକ୍ତର ସୃଷ୍ଟି । ତେବେ ଏ କ୍ଷେତ୍ରରେ ଦୁଇ ଜଣଙ୍କ ପ୍ରତି ସମାନ ସ୍ନେହଶ୍ରଦ୍ଧାବୋଧ ଦେବା ଦାୟିତ୍ୱ ବାପମାଆଙ୍କ ସହିତ ପିଲାଟି ପାଖରେ ରହୁଥିବା ସମସ୍ତଙ୍କର' । ଘରେ ଖୁବ୍ କମ୍ ବ୍ୟବଧାନରେ ଦୁଇରୁ ଅଧିକ ପିଲା ଥିଲେ ଜଞ୍ଜାଳ ବଢ଼ିବା ସହିତ ପିଲାମାନଙ୍କ ଭିତରେ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଶିକ୍ଷା ଦେବା ନିହାତି ଜରୁରୀ । ପିଲାମାନଙ୍କୁ କୁହାଯାଏ ସେମାନେ ଦେବଶିଶୁ । ସେମାନେ ହେଉଛନ୍ତି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ସୌନ୍ଦର୍ଯ୍ୟତମ ଫୁଲ କଢ଼ି । ବାଲୁତ ବୟସରୁ ସେମାନଙ୍କ ଭିତରେ ମାନବୀୟ ମୂଲ୍ୟବୋଧ ଶିକ୍ଷା ନିହାତି ଜରୁରୀ । କାରଣ ସାନ ଭାଇଭଉଣୀଙ୍କୁ ଭଲ ପାଇବା, ସ୍ନେହ କରିବା, ସେମାନଙ୍କ ସ୍ନେହ ଶ୍ରଦ୍ଧାକୁ ବୁଝିପାରିବାର ଶିକ୍ଷା ପରବର୍ତ୍ତୀ ସମୟରେ ଭଲ ମଣିଷ ହେବା ପାଇଁ ଦିବ୍ୟପଥକୁ ପ୍ରଶସ୍ଥ କରିଥାଏ ବୋଲି ମତ ରଖନ୍ତି ଶ୍ରୀ ସତ୍ୟସାଇ ବାଳବିକାଶର ଅନ୍ୟତମ ମୁଖ୍ୟ ମାର୍ଗଦର୍ଶକ ଡକ୍ଟର ଭି.ପୃଥ୍ୱୀରାଜ । ପିଲାଟିର ବୌଦ୍ଧିକ, ମାନସିକ ଓ ଶାରୀରିକ ବିକାଶରେ ବଡ଼ ଭାଇଭଉଣୀଙ୍କ ସ୍ନେହ ଶ୍ରଦ୍ଧାର ବଡ଼ ଭୂମିକା ରହିଛି । ତେଲ ଲୁଣ ଓ କର୍ମବ୍ୟସ୍ତର ଜଞ୍ଜାଳ ଭିତରେ ପିଲାମାନଙ୍କ ପାଇଁ ବ୍ୟସ୍ତତା ଗୁରୁତର ପ୍ରଭାବ ପକାଇଥାଏ । ଦୁଇ ପିଲାଙ୍କ ଭିତରେ ସ୍ନେହ ଶ୍ରଦ୍ଧାକୁ ବୁଝାଇବା ଓ ସେମାନଙ୍କ ଭିତରେ ଭଲ ପାଇବାର ଫଲ୍‌ଗୁ ସୃଷ୍ଟି କରିବାର ଦାୟିତ୍ୱ ସମସ୍ତଙ୍କର । ଦେଖିବେ ଆପଣଙ୍କର ଦିବ୍ୟ ଓ ପ୍ରେମପୂର୍ଣ୍ଣ ସଂସାରର ବଗିଚାର କୁନି କଳିକାମାନେ ସୁଖ ଓ ଶାନ୍ତିକୁ ଚିହ୍ନପାରିବେ ।

*'ସାଇବିଥି' ୭ଡି/ ୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ୫୦ ବର୍ଷରେ ରାଜନୀତି ଆରମ୍ଭ ୭୫ ବର୍ଷରେ ରାଷ୍ଟ୍ରପତି ପଦବୀ



ଅମରନାଥ ବେହେରା

ଆସନ୍ତା ୨୬ ତାରିଖରେ କଟକ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। କୋଟି କୋଟି ଓଡ଼ିଆଙ୍କ ସହିତ କଟକିଆ ମାନଙ୍କ ଆନନ୍ଦ ଓ ଖୁସି ଅନେକ ବଢ଼ିଯାଇଛି। ତାଙ୍କର ଟିକିଏ ଝଲକ ପାଇବା ପାଇଁ ଅପେକ୍ଷାର ଫଳ କଟକିଆମାନେ। ଅନେକ ପାଠକଙ୍କ ଭିତରେ ମହାମହିମ ରାଷ୍ଟ୍ରପତିଙ୍କୁ ନେଇ ଅନେକ ଜାଣିବାର ଆଗ୍ରହ ରହିଛି। ଆସନ୍ତୁ ସେହି ଦିଗ ଉପରେ ଛୋଟିଆ ଆଲୋଚନା ରଖିବା। ସ୍ୱାଧୀନତାର ୫୦ ବର୍ଷରେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷରେ ଦେଶରେ ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ସେ ଅଧିଷ୍ଠିତ ହୋଇଛନ୍ତି।

ସଂସଦରେ ତାଙ୍କର ପ୍ରଥମ ଅଭିଭାଷଣରେ ଶ୍ରୀମତୀ ମୁର୍ମୁ କହିଥିଲେ ଯେ, ସେ ୱାର୍ଡ଼ ମେମ୍ବରରୁ ରାଷ୍ଟ୍ରପତି ପଦବୀକୁ ଆସିପାରିଛନ୍ତି। ସେ ଦେଶର ଏପରି ପ୍ରଥମ ରାଷ୍ଟ୍ରପତି ହୋଇଛନ୍ତି, ତାଙ୍କର ଜନ୍ମ ସ୍ୱାଧୀନ ଭାରତରେ ହିଁ ହୋଇଛି। ରାଷ୍ଟ୍ରପତି ପଦରେ ପହଞ୍ଚିବା ତାଙ୍କର ବ୍ୟକ୍ତିଗତ ଉପଲବ୍ଧି ନୁହେଁ ଏହା ଭାରତର ପ୍ରତ୍ୟେକ ଗରିବଙ୍କ ଉପଲବ୍ଧି ଅଟେ। ସେ କହିଛନ୍ତି ଯେ ଆମ ଗଣତନ୍ତ୍ରର ଏହା ଶକ୍ତି ଯେ, ଯେଉଁଥିରେ ଗୋଟିଏ ଗରିବ ଘରେ ଜନ୍ମ ହୋଇଥିବା ଝିଅ, ଦୂରଦୂରାନ୍ତର ଆଦିବାସୀ ଅଞ୍ଚଳରେ ଜନ୍ମ ହୋଇଥିବା ଝିଅ ଭାରତର ସର୍ବୋଚ୍ଚ ପଦବୀରେ ପହଞ୍ଚିପାରେ। ତାଙ୍କ ଉଦବୋଧନରେ ନୂଆ ରାଷ୍ଟ୍ରପତି ଏକଥା ମଧ୍ୟ କହିଥିଲେ ଯେ, ତାଙ୍କ ନିର୍ବାଚନରେ ଦେଶର ଗରିବ ଲୋକଙ୍କ ଆଶୀର୍ବାଦ ରହିଛି। ଦେଶର କୋଟି କୋଟି ମହିଳା ଏବଂ ଝିଅଙ୍କର ସ୍ୱପ୍ନ ଓ ସାମର୍ଥ୍ୟର ଝଲକ ଅଛି। ତାଙ୍କ ଲାଗି ଏହା ସନ୍ତୋଷଜନକ ଯେ ଶତାବ୍ଦୀ ଧରି ଯେଉଁମାନେ ବିକାଶର ଲାଭରୁ ଦୂରରେ ଥିଲେ ସେହି ଗରିବ ଦଳିତ ପଛୁଆ ତଥା ଆଦିବାସୀ ତାଙ୍କୁ ନିଜର ପ୍ରତିବିମ୍ବ ଭାବେ ଦେଖୁଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ତାଙ୍କର ବିଜୟକୁ ନେଇ ସେ କହିଥିଲେ ଯେ ତାଙ୍କର ନିର୍ବାଚନ ପ୍ରମକାଣ କରିଦେଇଛି ଯେ, ଭାରତରେ ଗରିବ ଲୋକ ସ୍ୱପ୍ନ ଦେଖିପାରିବେ ଓ ସେହି ସ୍ୱପ୍ନକୁ ମଧ୍ୟ ସାକାର କରିପାରିବେ। ଗୋଟିଏ ଆଦିବାସୀ ସମାଜରେ ଜନ୍ମ ହୋଇ ୱାର୍ଡ଼ ମେମ୍ବରରୁ ରାଷ୍ଟ୍ରପତି ପଦ ଯାଏ ପହଞ୍ଚିବା ଗଣତନ୍ତ୍ରର ଜନନୀ ଭାରତ ବର୍ଷର ମହାନତା ଅଟେ। ଶ୍ରୀଜଗନ୍ନାଥ ଓ ଭୀମଭୋଇ : ଦେଶର ପ୍ରଥମ ଓଡ଼ିଆ ରାଷ୍ଟ୍ରପତି, ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି, ପ୍ରଥମ ସ୍ୱାଧୀନ ଭାରତରେ ଜନ୍ମିତ ରାଷ୍ଟ୍ରପତି ଓ ସର୍ବକନିଷ୍ଠ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କର ପ୍ରଥମ ସମ୍ବୋଧନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ ଉଚ୍ଚାରଣ ସହ ସନ୍ଥ କବି ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସଂସଦର ସେଣ୍ଟ୍ରାଲ ହଲରେ ଶପଥ ଗ୍ରହଣ ପରେ ପ୍ରଥମ ସମ୍ବୋଧନ ରଖିଲାବେଳେ ଶ୍ରୀମତୀ ମୁର୍ମୁ କହିଥିଲେ ଯେ, 'ମୁଁ ମୋ ଜୀବନରେ ଏ ପର୍ଯ୍ୟନ୍ତ ଜନସେବାରେ ହିଁ ଜୀବନର ସଫଳତାକୁ ଅନୁଭବ କରିଆସିଛି। ଜଗନ୍ନାଥ କ୍ଷେତ୍ରର ଜଣେ ପ୍ରଖ୍ୟାତ କବି ଭୀମ ଭୋଇଙ୍କ ଏକ କବିତାର ପଙ୍କ୍ତିଂ ରହିଛି ତାହା ହେଉଛି 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ଅର୍ଥାତ୍ ନିଜ ଜୀବନର ଭଏ ମନ୍ଦ ଅପେକ୍ଷା ଜଗତ କଲ୍ୟାଣ ପାଇଁ କାର୍ଯ୍ୟ କରିବା ବଡ଼ ଅଟେ। ରାଜେନ୍ଦ୍ର ପ୍ରସାଦଙ୍କ ଠାରୁ କୋବିନ୍ଦଙ୍କ ଯାଏ : ଶ୍ରୀମତୀ ମୁର୍ମୁ ତାଙ୍କ ଉଦବୋଧନରେ ଦେଶର ପ୍ରଥମ ରାଷ୍ଟ୍ରପତି ଡଃ. ରାଜେନ୍ଦ୍ର ପ୍ରସାଦଙ୍କ ଠାରୁ ଆରମ୍ଭ କରି ରାମନାଥ କୋବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଅବଦାନକୁ ସମ୍ମାନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଦେଶର ପ୍ରଥମ ରାଷ୍ଟପ୍ରତି ଡଃ. ରାଜେନ୍ଦ୍ର ପ୍ରସାଦଙ୍କ ଠାରୁ ଆରମ୍ଭ କରି ରାମନାଥ କୋବିନ୍ଦଙ୍କ ପର୍ଯ୍ୟନ୍ତ ଅନେକ ବରପୁତ୍ର ଦେଶର ରାଷ୍ଟ୍ରପତି ପଦବୀକୁ ସୁଶୋଭିତ କରିଛନ୍ତି। ଏହି ପଦବୀ ସହ ଦେଶ ଏକ ମହାନ ପରମ୍ପରାର ପ୍ରତିନିଧିତ୍ୱ କରିବାର ଦାୟିତ୍ୱ ତାଙ୍କୁ ଆଜି ଦେଇଛି। ସେ କହିଛନ୍ତି ଯେ, ସମ୍ବିଧାନର ଆଲୋକରେ ସେ ପୂର୍ଣ୍ଣ ନିଷ୍ଠାର ସହ ନିଜର କର୍ତ୍ତବ୍ୟ ନିର୍ବାହନ କରିବେ। ତାଙ୍କ ପାଇଁ ଭାରତର ଲୋକତାନ୍ତ୍ରିକ ସାଂସ୍କୃତିକ ଆଦର୍ଶ ଏବଂ ସମସ୍ତ ଦେଶବାସୀ ସବୁବେଳେ ଶକ୍ତିର ସ୍ରୋତ ହୋଇ ରହିବେ। ଶ୍ରୀ ଅରବିନ୍ଦଙ୍କ ବିଚାର ହିଁ ପ୍ରେରଣା : ରାଇରଙ୍ଗପୁରର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶିକ୍ଷୟିତ୍ରୀ ଥିଲେ। ଦେଶର ରାଷ୍ଟ୍ରପତି ଭାବରେ ତାଙ୍କର ପ୍ରଥମ ଉଦବୋଧନ ରଖିଲାବେଳେ ସେ ସେହି ଶିକ୍ଷାକେନ୍ଦ୍ରର କଥା ଉଲ୍ଲେଖ କରିବାକୁ ଭୁଲି ନଥିଲେ। ଶ୍ରୀମତୀ ମୁର୍ମୁ କହିଥିଲେ ଯେ ଦଶନ୍ଧି ପୂର୍ବରୁ ସେ ରାଇରଙ୍ଗପୁରରେ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ଶିକ୍ଷକ ଭାବରେ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିଲେ। ଆଉ କିଛି ଦିନ ପରେ ଶ୍ରୀ ଅରବିନ୍ଦଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ କରାଯିବ। ଶିକ୍ଷା ସମ୍ପର୍କରେ ସେ ଶ୍ରୀ ଅରବିନ୍ଦଙ୍କ ବିଚାରଧାରାରେ ନିରନ୍ତର ପ୍ରେରଣା ପାଇଛନ୍ତି। ଦେଶ ନିର୍ମାଣ ଲାଗି ଯୁବ ବର୍ଗଙ୍କୁ ଆହ୍ୱାନ : ନିଜର ଭବିଷ୍ୟତ ନିର୍ମାଣ ସହ ଦେଶ ନିର୍ମାଣ କରିବାକୁ ଯୁବ ବର୍ଗଙ୍କୁ ନୂଆ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ଦେଶର ଯୁବପିଢ଼ୀ କେବଳ ନିଜର ଭବିଷ୍ୟତ ନିର୍ମାଣ କରିଲେ ହେବନାହିଁ। ନିଜର ଭବିଷ୍ୟତ ନିର୍ମାଣ କରିବା ସହିତ ଭବିଷ୍ୟତର ଭାରତ ପାଇଁ ଭିତ୍ତିପ୍ରସ୍ତର ରଖିବାକୁ ହେବ। ଦେଶର ରାଷ୍ଟ୍ରପତି ଭାବରେ ଏ କ୍ଷେତ୍ରରେ ସେ ପୂର୍ଣ୍ଣ ସହଯୋଗ କରିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କୁ ସ୍ମରଣ କରି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ, 'ଆମ ସମସ୍ତଙ୍କର ଶ୍ରଦ୍ଧାଳୁ ଅଟଳଜୀ କହୁଥିଲେ ଦେଶର ଯୁବ ବର୍ଗ ଆଗକୁ ବଢ଼ିଲେ କେବଳ ନିଜର ଭାଗ୍ୟ ନିର୍ମାଣ କରନ୍ତି ନାହିଁ ବରଂ ଦେଶର ଭାଗ୍ୟ ମଧ୍ୟ ନିର୍ମାଣ କରନ୍ତି। ଆଜି ଆମେ ସମସ୍ତେ ଏହା ସତ ହେଉଥିବାର ଦେଖୁଛେ।' ରାଷ୍ଟ୍ରପିତାଙ୍କୁ ସ୍ମରଣ : ଶପଥ ନେଲାପରେ ଦେଶର ପଞ୍ଚଦଶ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କ ଉଦବୋଧନରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ, ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସହିଦ ଭଗତ ସିଂ ପ୍ରମୁଖଙ୍କ ନାମ ଉଚ୍ଚାରଣ କରିବାକୁ ଭୁଲି ନାହାନ୍ତି। ସେ କହିଛନ୍ତି ଯେ ପୂଜ୍ୟ ବାପୁ ଆମକୁ ସ୍ୱରାଜ, ସ୍ୱଦେଶୀ, ସ୍ୱଚ୍ଛତା ଏବଂ ସତ୍ୟାଗ୍ରହ ଦ୍ୱାରା ଭାରତର ସାଂସ୍କୃତିକ ଆଦର୍ଶ କିଭଳି ସ୍ଥାପନା ହୋଇପାରେ, ତାର ମାର୍ଗ ଦେଖାଇଛନ୍ତି। ଆମର ସ୍ୱାଧୀନତା ସଂଗ୍ରାମ, ସଂଘର୍ଷ ଏବଂ ବଳିଦାନର ଅବିରତ ଧାରା ସ୍ୱାଧୀନ ଭାରତ ଲାଗି ଆଦର୍ଶ ଏବଂ ସମ୍ଭାବନାକୁ ଆଗକୁ ନେଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ନେହରୁଜୀ, ସର୍ଦ୍ଦାର ପଟେଲ, ବାବା ସାହେବ ଆମ୍ବେଦକର, ଭଗତ ସିଂ, ସୁଖଦେବ, ରାଜଗୁରୁ, ଚନ୍ଦ୍ରଶେଖର ଆଜାଦଙ୍କ ଭଳି ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଆମକୁ ରାଷ୍ଟ୍ର ହିଁ ସର୍ବଶ୍ରେଷ୍ଠ ବୋଲି ଶିକ୍ଷା ଦେଇଛନ୍ତି। ରାଷ୍ଟ୍ରପତି ରାଣୀ ଲକ୍ଷ୍ମୀବାଈ, ରାଣୀ ବେଲୁ ନାଚିଆର, ରାଣୀ ଚେନ୍ନାମା ତଥା ଅନେକ ବିରାଙ୍ଗନାଙ୍କ ରାଷ୍ଟ୍ର ରକ୍ଷା ତଥା ରାଷ୍ଟ୍ର ନିର୍ମାଣରେ ନାରୀଶକ୍ତିର ଭୂମିକା ନେଇ ଉଲ୍ଲେଖ କରିଥିଲେ। ସାନ୍ତାଳ କ୍ରାନ୍ତି ଓ ପାଇକ କ୍ରାନ୍ତିରୁ ନେଇ ଭୀଲକ୍ରାନ୍ତି ଏବଂ ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀଙ୍କ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ ଯେ, ପ୍ରତ୍ୟେକଟି ଦେଶ ସୁରକ୍ଷାର ଆନ୍ଦୋଳନରେ ଆଦିବାସୀଙ୍କ ଯୋଗଦାନ ଏହାକୁ ସଶକ୍ତ କରିଛି। ସାମାଜିକ ଉତ୍‌ଥାନ ଏବଂ ଦେଶପ୍ରେମ ଲାଗି 'ଧରତିଆବା' ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନ ଆମକୁ ସବୁବେଳେ ପ୍ରେରଣା ଦେଇଛି।

*ଆସୋସିଏଟ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,*
*ଲିଙ୍କରୋଡ଼, କଟକ,*
*ଦୂରଭାଷ : ୯୮୬୧୩୯୫୦୫୫*




# ବିଧାୟକଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ



ବାଲିଆନ୍ତ, (ପି.ଏନ):ବାଲିଅନ୍ତା ବ୍ଲକ ବାଳକାଟି ସ୍ଥିତ ପ୍ରତାପଶାସନ ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ ଆସିଥିଲେ ସ୍ଥାନୀୟ ବିଧାୟକ ଡ଼. ଅରବିନ୍ଦ ଢ଼ାଲି । ସେ ପ୍ରଥମେ ବାଳିକା ଉଚ୍ଚ୍ଚ ବିଦ୍ୟାଳୟ ଏବଂ ପରେ ବାଳକ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ସେଠାରେ ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିବା ସହିତ ଅଧ୍ୟୟନରତ ଛାତ୍ରଛାତ୍ରୀ ସାଧାରଣଜ୍ଞାନ ଭିତ୍ତିକ ପ୍ରଶ୍ନ ପଚ଼ାରିଥିଲେ । ଏଥିସହ ଶିକ୍ଷକମାନଙ୍କର ଉପସ୍ଥାନ,ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ଆଦି ନିରୀକ୍ଷଣ କରିବା ସହ ରାଜ୍ୟ ସରକାରଙ୍କ ୫-ଟି ମାଧ୍ୟମରେ ଉନ୍ନତମାନର ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବାର୍ଷିକ ପରୀକ୍ଷାରେ ପ୍ରଥମ ଏବଂ ଦ୍ୱିତୀୟ ଉତ୍ତିର୍ଣ୍ଣ ହୋଇ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିବା ସହ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଗସ୍ତ ସମୟରେ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ଯଥାସାଧ ପ୍ରସ୍ତାବ ବିଧାୟକଙ୍କ ନିକଟରେ ଉପସ୍ଥାପନ କରିଥିଲେ। ତେବେ ପରିଦର୍ଶନ ସମୟରେ ବିଦ୍ୟାଳୟ ଗୁଡ଼ିକ ସୁବ୍ୟବସ୍ଥାରେ ଚ଼ାଲୁଥିବାକୁ ନେଇ ବିଧାୟକ ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ବିଧାୟକ ୨ ଟି ବିଦ୍ୟାଳୟରେ ଚ଼ାରାରୋପଣ କରିଥିଲେ । ପରେ ପରେ ବିଧାୟକ ଡ଼. ଢ଼ାଲି ପ୍ରତାପଶାସନ ବାଳକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ମାଣ୍ଡିଆ ଦିବସରେ ଯୋଗଦେଇଥିଲେ । ଏଥିରେ ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପରମିତା ଜେନା ଅଧକ୍ଷତା କରିଥିଲେ କ୍ଷ ମାଣ୍ଡିଆ ଶରୀର ଗଠନରେ ଏକ ପ୍ରମୁଖ ଖାଦ୍ୟ ବୋଲି ଡ଼ ଢ଼ାଲି ମତପ୍ରକାଶ କରିଥିଲେ କ୍ଷ ଶେଷରେ ଶିକ୍ଷୟତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଶସ୍ୟରେ ପ୍ରସ୍ତୁତ ଭିନ୍ନ ଭିନ୍ନ ପ୍ରଜାତିର ସୁସ୍ୱାଦୁ ପିଠା ଓ ପୁଷ୍ଟିକର ଖାଦ୍ୟକୁ ବିଧାୟକ ବୁଲି ଦେଖିଥିଲେ କ୍ଷ ଏହି ଗସ୍ତ ସମୟରେ ବିଧାୟକଙ୍କ ଶିକ୍ଷା ପ୍ରତିନିଧି ନାରାୟଣ ବେହେରା , ବିଧାୟକଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ପ୍ରିୟବ୍ରତ ପାତ୍ର , ଯୁବ ନେତା ଅରବିନ୍ଦ ସାହୁ , ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନାଲକୋ ପ୍ରସଙ୍ଗରେ ବିଧାୟକ ଓ ବିଜେଡି ଅରାଜକତା ସୃଷ୍ଟି କରୁଛନ୍ତି ପକାଳନ୍ଦି ସାମଲ



ତାଳଚେର,(ପି.ଏନ):ତାଳଚେର ରେ ବିଜେଡି ଓ ବିଧାୟକ ଅରାଜକତା ସୃଷ୍ଟି କରୁଛନ୍ତି। ଯେତେବେଳେ ପାଇଲେ ମନଇଚ୍ଛା କୋଇଲା ଖଣି ଠାରୁ ଆରମ୍ଭ କରି, ଏନଟିପିସି, ନାଲକୋ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଙ୍କର ରାଷ୍ଟ୍ରୟତ ଉଦ୍‌ଯୋଗ କୁ ବନ୍ଦ କରାଇବା ପଛରେ ଏ କି ଷଡ଼ଯନ୍ତ୍ର ଚ଼ାଲିଛି, ଏହା ରାଜ୍ୟ ବିଜେଡି ସରକାର ଦ୍ୱାରା ପ୍ରାୟୋଜିତ ନୁହେଁ କି ବୋଲି ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ପ୍ରଶ୍ନ କରିଛନ୍ତି। ନାଲକୋ କ୍ଷତିଗ୍ରସ୍ତ ପ୍ରଜାଙ୍କର ଏକ ସ୍ୱଚ୍ଛ ଲିଷ୍ଟ ତିଆରି କରି ତୁରନ୍ତ ଯୋଗ୍ୟତା ଭିତରେ ସ୍ଥାୟୀ ଓ ଠିକା ନିଯୁକ୍ତି ପାଇଁ ଆଜି ବିଜେପି ପକ୍ଷରୁ ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ମଣ୍ଡଳୀ ତାଳଚେର ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତି ରେ ସହକାରୀ ଜିଲ୍ଲାପାଳ ରଞ୍ଜନ ମହାନ୍ତି ଙ୍କୁ ଏକ ଦାବୀ ପତ୍ର ଦିଆଯାଇଛି ।ସେଠାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଙ୍କୁ ସମ୍ବୋଧିତ କରି ଶ୍ରୀ ସାମଲ ନାଲକୋ ପ୍ରସଙ୍ଗରେ ବିଜେଡି ଓ ତାଳଚେର ବିଧାୟକ ଅରାଜକତା ସୃଷ୍ଟି କରୁଛନ୍ତି ବୋଲି କହିଛନ୍ତି। ଜମି ହରାଙ୍କ ପାଇଁ ନୁହେଁ ନିଜ ସ୍ୱାର୍ଥ ପାଇଁ ବିଜେଡି ର ଆନ୍ଦୋଳନ ,ବିଧାୟକ ସମସ୍ୟା ସମାଧାନ କରିବା ପରିବର୍ତ୍ତ ? ସମସ୍ୟା ସୃଷ୍ଟି କରୁଛନ୍ତିକ୍ଷବିଧାୟକ ଓ ସାଂସଦ ନିଜେ ଆର ପି ଡ଼ି ଏ ସି ସଦସ୍ୟ ଥିବା ସତ୍ତ୍ୱେ ଜାଣି ଶୁଣି କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ କରୁନାହାନ୍ତି ନା ତାଙ୍କର ଅପାରଗତା ବୋଲି ସେ ପ୍ରଶ୍ନ କରିଛନ୍ତି ।୧୪ ବର୍ଷ ବିଧାୟକ ଥିବା ବେଳେ ବଂଚ଼ିତ ଥିବା ଜମିହରାଙ୍କ ପାଇଁ ନୀତିନିର୍ଣ୍ଣୟ କରୁନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଂସଦ ଥିବା ବେଳେ ନାଲକୋ କ୍ଷତିଗ୍ରସ୍ତ ପିଲାଙ୍କୁ ଆଇ ଟି ଆଇ ଟ୍ରେନିଙ୍ଗ ପଠାଇବା ସହ ନିଯୁକ୍ତି ଦେଇଥିଲେ, ଶହ ଶହ ଜମିହରା ଙ୍କୁ ନିଯୁକ୍ତି ଦେଇଥିଲେ, କିନ୍ତୁ ୧୪ବର୍ଷ ଧରି କେତେ ନିଯୁକ୍ତି ଦିଆ ଯାଇଛି ତାହା ଆଜି ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି ।ଶହ ଶହ ସଂଖ୍ୟାରେ ନାଲକୋ କ୍ଷତିଗ୍ରସ୍ତ ପ୍ରଜା ଥିବା ବେଳେ ସତୁରି ଜଣଙ୍କ ପାଇଁ କାହିଁକି ବିଧାୟକ ଓ ବିଜେଡି ଠିକା ଚ଼ାକିରି ପାଇଁ ଲାଗିଛନ୍ତି ତାହା ସର୍ବସାଧାରଣ ରେ ପ୍ରକାଶ କରନ୍ତୁ,। ଏଠାରେ ଥାଇଥାନ ଅଧିକାରୀ ନାହାନ୍ତି,ଏହା ପୂର୍ବରୁ ୮୦ ଏବଂ ଏବେ୭୦ ଜଣ ଙ୍କର ଲିଷ୍ଟ କିଏ, କେଉଁ ଅଧିକାରୀ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।ଠିକା ଚ଼ାକିରି ପାଇଁ ଲକ୍ଷ ଲକ୍ଷ ଟଙ୍କାର ଲାଞ୍ଚ କାରବାର ହୋଇ ଥିବାର ଶୁଣିବାକୁ ମିଳୁଛି ବୋଲି ଶ୍ରୀ ସାମଲ କହିଛନ୍ତି ।ନାଲକୋ କ୍ଷତିଗ୍ରସ୍ତ ତାଳଚେର ର ୫ ଟି ପଂଚ଼ାୟତ ର ସମସ୍ତ କ୍ଷତିଗ୍ରସ୍ତ ଜମିହରା ଙ୍କୁ ସ୍ୱଚ୍ଛତା ଭାବେ ତାଲିକା ପ୍ରସ୍ତୁତ କରି ତୁରନ୍ତ ନିଯୁକ୍ତି ଦେବାକୁ ଶ୍ରୀ ସାମଲ ଦାବୀ କରିଛନ୍ତି ।ଆଜିର କାର୍ଯ୍ୟକ୍ରମ ରେ ଜିଲ୍ଲା ମିଡ଼ିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମଣ୍ଡଳ ସଭାପତି ବରୁଣ ସାହୁ, ନରେନ୍ଦ୍ର ସାହୁ, ଗୋପାଳ ସାହୁ, ଖଇରା ପ୍ରଧାନ,ରାଜେନ୍ଦ୍ର ସାହୁ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ସିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ତ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ ।ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର ।ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ ।ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି ।ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି ।ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି ।ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଚୁକ୍ତି ଖିଲାପ ଜୋଗୁ ଶ୍ରମ ବିଭାଗ ପକ୍ଷରୁ ଓପିଟିସିଏଲ କୁ ପତ୍ର

ଓପିଟିସିଏଲ ଓ ଏକତା ମଞ୍ଚ ପଖ୍ୟରୁ ଟେକ୍ନିକାଲ କର୍ମ ଚ଼ାରି ମାନଙ୍କ ଦରମା ଓଏ ମାନଙ୍କ ଦରମା ସହିତ ତୁରନ୍ତ ସମାନ କରିବା ପାଇଁ ଏକ ଚୁକ୍ତି ନାମା ଶ୍ରମ ଅଧିକାରୀ କ ଉପସ୍ଥିତି ରେ ୪୫ ମଧ୍ୟରେ ସମାଧାନ କରିବାକୁ ଚୁକ୍ତି କରିଥିଲେ। କିନ୍ତୁ ଦେଢ ମାସ ହେଲାଣି କୌଣସି ପଦକ୍ଷେପ ଗ୍ରହଣ ନକରିବା ଜୋଗୁ ଶ୍ରମ ଅଧିକାରୀ ତୁରନ୍ତ ସମାଧାନ କରିବାକୁ ତାଗିଦ କରିବା ସହିତ ଏକତା ମଞ୍ଚ ଧର୍ମ ଘଟକୁ ଓଲ୍ଲାଇବାକୁ ଦର୍ଶାଇଛନ୍ତି। ମାଧବ ସମ୍ବଲ ଅଧିକାରୀ ଓପିଟିସିଏଲ ର ସର୍ଭିସ୍ ମାନୁଆଲ ଓ ଶ୍ରମ ନିୟମ ଜାଣିନଥିବା ଜୋଗୁ ଓପିଟିସିଏଲ ରେ ବ୍ୟାପକ ଶ୍ରମିକ ଅଶାନ୍ତି ଦେଖାଦେଇଛି। ଉକ୍ତ ଘଟଣା ସମ୍ପର୍କରେ ନିକଟରେ ଶକ୍ତି ସଚ଼ିବ କ ସହିତ କଥା ହୋଇ ଏକତା ମଞ୍ଚ ଏକ ମେମୋରାଣ୍ଡମ ମଧ ଦେଇଛନ୍ତି। ଓପିଟିସିଏଲ ର ସିଓବି କୁ ମାନବସମ୍ବଳ ନିର୍ଦ୍ଦେଶକ ଟେକ୍ନିକାଲ କର୍ମ ଚ଼ାରି ମାନଙ୍କ ସମସ୍ୟା ବୁଝାଇ ପାରୁନଥିବା ଜୋଗୁ ବିରକ୍ତି ପ୍ରକାଶ କରିବା ସହ ପୂର୍ଣ୍ଣ ସମୀକ୍ଷା କରିବା ପାଇଁ ସିଓବି ସଭ୍ୟ ମାନେ କହିଛନ୍ତି। ଓପିଟିସିଏଲ ର ଅଧକ୍ଷ ଓ ନିର୍ଦ୍ଦେଶକ ଓପିଟିସିଏଲ କର୍ମ ଚ଼ାରି ମାନଙ୍କ ସମସ୍ୟା ବୁଝି ପାରୁନଥିବା ଜୋଗୁ ବ୍ୟାପକ ଶ୍ରମିକ ଅଶାନ୍ତି ଦେଖାଦେଇଛି। ଓପିଟିସିଏଲ ରେ ବର୍ତମାନ ର ମାନବସମ୍ବଳ ନିର୍ଦ୍ଦେଶକ ନିଜୁକ୍ତି ପାଇବା ଦିନ ଠାରୁ ଶ୍ରମିକ ସମସ୍ୟା ଲାଗି ରହିଛି। କର୍ମ ଚ଼ାରି ମାନଙ୍କ ଆନୋମୋଲି ସମାଧାନ ହୋଇପାରୁ ନଥିବାରୁ କର୍ମ ଚ଼ାରି ମାନଙ୍କ ନୂତନ ମଜୁରି ନିର୍ଦ୍ଧାରଣ ୧.୪.୨୦ ରୁ ହୋଇପାରୁନାହିଁ। ତୁରନ୍ତ କର୍ମ ଚ଼ାରି ମାନଙ୍କ ସମସ୍ୟା ସମାଧାନ ନହେଲେ ମାନବସମ୍ବଳ ନିର୍ଦ୍ଦେଶକ ଓ ଓପିଟିସିଏଲ ଅଧକ୍ଷ କୁ ହଟାଇବା ପାଇଁ ମାନ୍ୟବର ମୁଖ୍ୟ ମନ୍ତ୍ରୀ କ ବାସଭବନ ଆଗରେ ଧାରଣା ଦେବେ ବୋଲି ଏକତା ମଞ୍ଚ ଚେତାବନୀ ଦେଇଛନ୍ତି ।ଏ ଦୁଇ ଜଣ ବେଶି ଦିନ ରହିଲେ ଓପିଟିସିଏଲ ଧ୍ୱଂସ ହୋଇଜିବ। ବର୍ତମାନ ଉକ୍ତ ସଂସ୍ଥା ରେ ମୁରବି ବିହୀନ ହୋଇଜାଇଛି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟକ୍ଷ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday July 25, 2023 ଭୁବନେଶ୍ବର ମଙ୍ଗଳବାର, ଜୁଲାଇ ୨୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବିଜେପି ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତିଙ୍କୁ ଜେଲରେ ଭେଟିଲେ ରୁଦ୍ର ନାରାୟଣ ପାଣି



ତାଳଚେର,(ପି.ଏନ): ପାଣି ପାଇଁ ଆନ୍ଦୋଳନ କରି ବିଜେପି ଅନୁଗୁଳ ଜିଲ୍ଲା ଏସ ଟି ମୋର୍ଚ୍ଚା ସଭାପତି ଅର୍ଜୁନ କିସ୍କୁ ଙ୍କୁ ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇଛି, ଆଜି ସୋମବାର ବିଜେପି ର ବରିଷ୍ଠ ନେତା ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି ଓ ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ତାଳଚେର ଜେଲ ରେ ଆଦିବାସୀ ନେତା ଅର୍ଜୁନ କିସ୍କୁ ଙ୍କୁ ଭେଟି ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଜୁନ ୧୨ ତାରିଖ ରେ ବିକ୍ରମପୁର ଥାନା ଅଧିନସ୍ଥ ଏଫ ସି ଆଇ ମୁଣ୍ଡା ବଜାର ଠାରେ ପିଇବା ପାଣି ପାଇଁ ହଜାର ହଜାର ସଂଖ୍ୟାରେ ଆଦିବାସୀ ଲୋକ ଆନ୍‌ଦୋଳନ କରିଥିଲେ ଏବଂ ଆଦିବାସୀ ନେତା ଅର୍ଜୁନ କିସ୍କୁ ତାର ନେତୃତ୍ୱ ନେଇଥିଲେ, ବିକ୍ରମ ପୁର ପୋଲିସ ଅର୍ଜୁନ କୁ ରାତି ଅଧିଆ ତାଙ୍କ ବସ୍ତି ରୁ ତାଙ୍କ ଘରୁ ଉଠାଇ ଆଣି କୋର୍ଟ ଚାଲାଣ କରିବା ପରେ ଜେଲ ହାଜତକୁ ପଠାଯାଇଛି । ପୋଲିସ, ପ୍ରଶାସନ ପାଣି ମାଗିବାରୁ ଜଣେ ଆଦିବାସୀ ନେତା ଙ୍କୁ ଉଧେଶ୍ୟ ମୂଳକ ଭାବେ ଜେଲ ପଠାଇବା ବିଜୁ ଜନତା ଦଳ ସରକାର ଲୋକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରିଛି ବୋଲି ରୁଦ୍ର ନାରାୟଣ ପାଣି ପ୍ରକାଶ କରିଛନ୍ତି ।ବିଧାୟକ ମାସ ମାସ ଧରି କୋଇଲା ଖଣି ବନ୍ଦ କଲା ପରେ ସାମାନ୍ୟ କେଶ ମଧ ହେଉନାହିଁ କିନ୍ତୁ ପାଣି ମାଗିବାରୁ ଜଣେ ଆଦିବାସୀ ନେତା ଙ୍କୁ ଜେଲ ପଠାଇବା ପ୍ରଶାସନ ଓ ବିଜୁ ଜନତା ଦଳ ସରକାର ର ଏ କି ମାନସିକତା ବୋଲି ଶ୍ରୀ ପାଣି କହିଛନ୍ତି । ତାଳଚେର ଜେଲ ରେ ଶ୍ରୀ ପାଣି,ଶ୍ରୀ ସାମଲ ଙ୍କ ସମେତ ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲ୍ଲା ମିଡ଼ିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ,ଦୟା ସାଗର ମିଶ୍ର,ପୌର ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁ, ନରେନ୍ଦ୍ର ସାହୁ,ଗୋପାଳ ଚ଼ନ୍ଦ୍ର ସାହୁ ଙ୍କ ସମେତ ବହୁ କାର୍ଯ୍ୟକର୍ତା। ଭେଟିଥିଲେ ।

## ଆଦିତ୍ୟ ଆଲୁମିନା ଶିଳ୍ପ ଗ୍ରୁପ୍ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏମ୍.ଓ.ୟୁ ଖୁବ୍ ଶୀଘ୍ର

ଭୁବନେଶ୍ବର, (ପି.ଏନ): ଖାରବେଳ ଭବନଠାରେ ରାଜ୍ୟ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଏବଂ କଂସାରୀଗୁଡାରେ ପ୍ରସ୍ତାବିତ ଆଦିତ୍ୟ ଆଲୁମିନା ରେଫେରିନାରୀ ଶିଳ୍ପ ପ୍ରତିଷ୍ଠା ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଆଦିତ୍ୟ ଆଲୁମିନା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଶ୍ରୀ ଦୌଲ ଚୌଧୁରୀଙ୍କର ନେତୃତ୍ୱରେ ୩୦୦ ରୁ ଉର୍ଦ୍ଧ୍ୱ ଜମିହରା ଓ ବାସହରା ଗ୍ରାମବାସୀମାନେ ଭାଗନେଇ ଖୁବ୍‌ଶୀଘ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇଦେବାପାଇଁ ଅନୁରୋଧ କରିଛନ୍ତି । ଏହି ଅବସରରେ ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମା ଆସନ୍ତାକାଲି ରାଜ୍ୟ ସରକାରଙ୍କ ସହ ଆଦିତ୍ୟ ଆଲୁମିନା ଶିଳ୍ପ ଗ୍ରୁପର ଚିପ୍ ଜେନେରାଲ୍ ମ୍ୟାନେଜର ଏକ ଏମ୍.ଓ.ୟୁ. ସ୍ୱାକ୍ଷର କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି।

# ପ୍ରାଣୀ ବିଜ୍ଞାନ ଅଧ୍ୟାପକ ତରୁଣ କାନ୍ତ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅଧିନସ୍ଥ ପ୍ରସିଦ୍ଧ ତନ୍ତ୍ରପୀଠ ହୀରାପୁର ମହାମାୟା ଚ଼ଉଷଠି ଯୋଗିନୀ ମନ୍ଦିର ନିକଟରେ ଥିବା ଅତିଥି ଭବନରେ ରବିବାର ମଧ୍ୟାହ୍ନରେ ବାଲିପାଟଣା ସ୍ଥିତ ସର୍ବ ପୁରାତନ ଶିକ୍ଷା ଅନୁଷ୍ଠାନ ଶିଶୁ ଅନନ୍ତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ତରୁଣକାନ୍ତ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମହାବିଦ୍ୟାଳୟର ଅଧ୍ୟକ୍ଷ ନିମାଇଁ ଚ଼ରଣ ଜେନାଙ୍କ ସଭାପତିତ୍ୱରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢ଼ାଲି ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗଦେଇ ଅଧ୍ୟାପକ ଶ୍ରୀ ନାୟକଙ୍କ ଶିକ୍ଷାଦାନ ଶୈଳୀ, ଛାତ୍ରବତ୍ସଳତା, ଶିକ୍ଷା ପ୍ରତିଷ୍ଠାନ ପ୍ରତି ଅହେତୁକ ଅନୁରାଗ ସର୍ବ ?ପରି ପରିବେଶ , ସ୍ୱାସ୍ଥ୍ୟ, କଳା ଆଦି କ୍ଷେତ୍ରରେ ତାଙ୍କର ସମାଜ ପାଇଁ ଅବଦାନ ସହ ଅନେକ ବିଦ୍ୟାର୍ଥୀଙ୍କୁ ଉଲମଣିଷ ଭାବରେ ଗଢିତୋଳି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ ସଂପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ପ୍ରଳୟ କୁମାର ଦାସ ସଭା ପରିଚ଼ାଳନା କରିଥିବା ବେଳେ କିଶୋର କୁମାର ପାଇକରାୟ, ଅନ୍ୱିତା ଦାଶ,ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅଶ୍ୱ ?ସା ଷଡ଼ଙ୍ଗୀ, ଖୁସବୁ ମହାରଣା,ଅର୍ଚ୍ଚନା ମହାପାତ୍ର, ସୂର୍ଯ୍ୟଦେବ ସ୍ୱାଇଁ, ମନମୋହନ ସାହୁ,ଉମେଶ ବେହେରା,ରାଜେଶ ସାହୁ,ଲକ୍ଷ୍ମୀପ୍ରିୟା ପରିଡ଼ା, ତଥାସ୍ତୁ ଏବଂ ଅନ୍ୟମାନେ ସଭା ପରିଚ଼ାଳନାରେ ସହଯୋଗ କରିଥିଲେ। ମୋନାଲିସା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ଓ ବିଶ୍ୱଜିତ୍ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଜୁ ଛାତ୍ର ଜନତା ଦଳ ସଭାପତିଙ୍କ ବିସ୍ଫୋରକ ବୟାନ

ପାରାଦୀପ,(ପି.ଏନ): ନିକଟରେ ବ୍ରାଉନ କାରବାରରେ ଗିରଫ ହୋଇଥିବା ଦୁଇ ଯୁବକ ଚନ୍ଦ୍ରକାନ୍ତ ମାହାଳି ଓ ରାକେଶ କୁମାର ସ୍ୱାଇଁ ବିଜୁ ଛାତ୍ର ଜନତା ଦଳର କୌଣସି ପଦପଦବୀରେ ନଥିବା ନେଇ ସ୍ପଷ୍ଟିକରଣ ରଖିଛନ୍ତି ଜଗତସିଂହପୁର ଛାତ୍ର ସଭାପତି ସମିତ କୁମାର ଲେଙ୍କା କିନ୍ତୁ ଏହି ଘଟଣାକୁ ନେଇ ବିଜେଡି ଦଳ ଏବଂ ପାରାଦୀପ ବିଧାୟକଙ୍କୁ ବଦନାମ କରାଯାଉଥିବାକୁ ନେଇ ପ୍ରତିବାଦ କରିଛନ୍ତି ସମିତ । ତେବେ ବିଭିନ୍ନ ସୋସିଆଲ ମିଡିଆରେ ବିଧାୟକଙ୍କ ବିରୋଧୀ ମାନେ ତାଙ୍କୁ ଓ ଦଳକୁ ବଦନାମ କରିବାର ଅପଚେଷ୍ଟା କରାଯାଉଥିବା ନେଇ ଅଭିଯୋଗ କରିଛି ଜିଲ୍ଲା ବିଜୁ ଜନତା ଦଳ ।

# ତୃତୀୟ ବିପର୍ଯ୍ୟୟ ହ୍ରାସ ୱାର୍କିଂ ଗ୍ରୁପ୍ ବୈଠକ ଆରମ୍ଭ



ଭୁବନେଶ୍ବର,(ପି.ଏନ): ଭାରତର ଜି୨୦ ପ୍ରେସିଡେନ୍ସି ଅଧିନରେ ତୃତୀୟ ବିପଦ ହ୍ରାସ ୱାର୍କିଂ ଗ୍ରୁପ୍ ବୈଠକ ଚେନ୍ନାଇଠାରେ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ସହ ଜଡିତ ଭବିଷ୍ୟତର ସହଯୋଗର ପ୍ରୋତ୍ସାହନ ଏହି ତିନି ଦିନିଆ ବୈଠକର ମୁଖ୍ୟ ବିଷୟ ଥିଲା। ଏହା ସହିତ କମ୍ୟୁନିକ୍ୟୁ ଡ୍ରାଫ୍ଟ ଉପରେ ମଧ ଆଲୋଚନା ହୋଇଥିଲା। ବୈଠକରେ ବିପର୍ଯ୍ୟୟର ବିପଦକୁ ହ୍ରାସ କରିବା ପାଇଁ ଜାତୀୟ ତଥା ବିଶ୍ୱସ୍ତରୀୟ ପ୍ରୟାସର ଗୁରୁତ୍ୱ ଦିଆଯାଇଥିଲା। ବୈଠକ ସହିତ 'ମହିଳା ନେତୃତ୍ୱାଧିନ ତଥା ସମ୍ପ୍ରଦାୟ ଭିତିକ ଡିଆରଆର' ଏବଂ 'ଦକ୍ଷତା ବିକାଶ ଏବଂ ବିପର୍ଯ୍ୟୟ ମୁକାବିଲା ଉପରେ ସହଯୋଗ ବୃଦ୍ଧି' ବିଷୟବସ୍ତୁ ଉପରେ ଦୁଇଟି ପାର୍ଶ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାରମ୍ଭିକ ଚେତାବନୀ ସମାଧାନର ଉପଯୋଗିତା ଏବଂ ମନିଟରିଂର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଭାରତର ଜି-୨୦ ପ୍ରେସିଡେନ୍ସି ଅଧୀନରେ ଏହା ପ୍ରଥମ ଥର ପାଇଁ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ଏକ ଉତ୍ସର୍ଗୀକୃତ କାର୍ଯ୍ୟ ଗୋଷ୍ଠୀ ଗଠନ କରାଯାଇଛି, ଯାହା ବିପର୍ଯ୍ୟୟ ଏବଂ ଜଳବାୟୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

# ପୁରୀ ଜିଲ୍ଲା ତାଳଦା ୫-ଟି ରୂପାନ୍ତରିତ ପଢ଼ିଆରୀ ବିଦ୍ୟାପୀଠ କାର୍ଯ୍ୟ ଅନିୟମିତତା ଉପରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ



ଭୁବନେଶ୍ବର, (ପି.ଏନ): ସମଗ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ବିଦ୍ୟାପୀଠଗୁଡ଼ିକୁ ୫-ଟି ଆଧାରରେ ରୂପାନ୍ତର କରିବା ପାଇଁ ରାଜ୍ୟ ସରକାର ଯେଉଁ ବ୍ୟବସ୍ଥା କରିଛନ୍ତି ଏହା କେବଳ ତାଙ୍କ ଦଳର ମନ୍ତ୍ରୀ, ବିଧାୟକ ଓ ଦଳୀୟ କର୍ମୀମାନଙ୍କୁ ପୋଷିବାର ଏକ ମସୁଧା। ବିଭିନ୍ନ ସ୍ଥାନରେ ଖୁବ୍ ନିମ୍ନମାନର କାମକରାଯାଇଛି। ଯଦ୍ୱାରା ସେହି ବିଦ୍ୟାଳୟଗୁଡ଼ିକ ବର୍ତମାନ ଅସୁରକ୍ଷିତ ଓ ବିପଦସଙ୍କୁଳ ଯାହାର ନିଛକ ନମୁନା ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତାଳଦା ଗ୍ରାମପଂଚାୟତର ପଢ଼ିଆରୀ ବିଦ୍ୟାପୀଠର ସ୍ମାର୍ଟ ବିଦ୍ୟାଳୟ ପାଇଁ ୫-ଟି ଭିତିଭୂମିରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୨୦୨୧ ମସିହା ନଭେମ୍ବର ମାସରେ ପୁଞ୍ଜିନିବେଶ କାର୍ଯ୍ୟଟି ବ୍ଲକ ପ୍ରଶାସନ ଅଧିନରେ ଥିବାବେଳେ ପ୍ରଶାସନର ସମ୍ପର୍କୀୟ ଠିକାଦାରଙ୍କୁ କାର୍ଯ୍ୟଭାର ଦିଆଯାଇଥିଲା। କିନ୍ତୁ ଦୁଃର୍ଭାଗ୍ୟର କଥା ଏଠାରେ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏହି ରୂପାନ୍ତରିତ କାର୍ଯ୍ୟକୁ ଦୁଇବର୍ଷ ପୁରିନି ଗତ ଜୁଲାଇ ୧୯ ତାରିଖ ଦିନ ଛାତରୁ ପଲସ୍ତରା ଖସିଲା। ଫଳରେ ସ୍କୁଲର ସି.ଆର.ସି.ସି ଓ ଶିକ୍ଷୟତ୍ରୀ ଗୁରୁତର ଆହତ ହେଲେ। ସ୍ଥାନୀୟ ଅଂଚଳ ଲୋକ ଏହାର ପ୍ରତିବାଦ କଲେ ସୁଦ୍ଧା ଏହାକୁ ପ୍ରଶାସନ ପକ୍ଷରୁ ଏଡାଇ ଦିଆଯାଇଛି ବୋଲି ଆଜି ଭୁବନେଶ୍ବରସ୍ଥ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ତଥା ସ୍ଥାନୀୟ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ରାଜ୍ୟ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ, ପିସିସି ମୁଖପାତ୍ର ରଶ୍ମୀ ମହାପାତ୍ର ଏଥିପାଇଁ ସରକାରଙ୍କୁ ସମ୍ପୂର୍ଣ୍ଣ ଦାୟି ବୋଲି କହିଛନ୍ତି। ଏବେ ସୁଦ୍ଧା ଘଟଣାସ୍ଥଳକୁ ସ୍ଥାନୀୟ ବିଧାୟକ କି ବିଡିଓ ଯାଇ ନାହାନ୍ତି। ପରବର୍ତୀ ମୁହୂର୍ତରେ କୁହାଗଲା ପଲସ୍ତରା ଭୁଷୁଡ଼ିଥିବା ଗୃହ ରୂପାନ୍ତରିତ ଅଧିନରେ ନାହିଁ। ତାହା ହେଲେ ଏଠି ପ୍ରଶ୍ନ ଉଠୁଛି, ଯଦି ନାହିଁ, ତାହାହେଲେ ୫-ଟି କାମରେ ଏହି କାର୍ଯ୍ୟାଳୟ ରଙ୍ଗ, ପ୍ଲାଷ୍ଟର, ନୂଆ ଚଉକି ଟେବୁଲ, ଝରକା, ବିଦ୍ୟୁତ ଉପକରଣ ଲାଗିଲା କାହିଁକି ? ବିଡିଓ ଏହାର ତୁରନ୍ତ ଜବାବ ଦିଅନ୍ତୁ। ନୂତନ ବିଲ୍ଡିଂ ଛାତରେ ବର୍ଷାପାଣି ଜମୁଛି। କେଉଁ ମୁହୂର୍ତରେ ଏହା ଭୁଷୁଡ଼ିବ କହି ହେବ ନାହିଁ। ଆରମ୍ଭରୁ ନିମ୍ନମାନର କାମ ଚାଲୁଥିବା ଅଭିଯୋଗ ଆସିବା ପରେ ସ୍ଥାନୀୟ ବ୍ଲକ କଂଗ୍ରେସ ପ୍ରତିନିଧି ଏହାର ଦୃଢ଼ ପ୍ରତିବାଦ କରିବା ସହିତ ସଠିକ୍ ଭାବରେ କାର୍ଯ୍ୟ କରାଯିବାକୁ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଗଣମାଧ୍ୟମରେ ଏହା ମଧ୍ୟ ବାରମ୍ବାର ପ୍ରସାରିତ ହୋଇଥିଲା। ବିଡିଓ କହିଥିଲେ ଯଦି କାମ ଉପରେ କିଛି ଅସୁବିଧା ହୁଏ, ସେଥିପାଇଁ ସେ ସମ୍ପୂର୍ଣ୍ଣ ଦାୟୀ ରହିବେ। ତାହା ହେଲେ ବିଡିଓ ଏବେ କୁହନ୍ତୁ ଦାୟୀ କିଏ ? ସରକାରଙ୍କ ଚାପରେ ଏହି ଘଟଣାକୁ ପ୍ରଶାସନ ତରଫରୁ ଚାପି ଦିଆଯାଉଛି। ଅନିୟମିତ କାର୍ଯ୍ୟପାଇଁ ସ୍ଥାନୀୟ ବୁଦ୍ଧିଜୀବି ଓ ସ୍ଥାନୀୟ ମିଡ଼ିଆଫୋରମ୍ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହିତ ଏହାର ତଦନ୍ତ ଦାବୀ କରିଛନ୍ତି। କିନ୍ତୁ ସତ ଘଟଣା ବାହାରକୁ ଆସିଲେ ୫-ଟିର ମୁଖା ଖୋଲିଯିବା ଭୟରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧମକ ଦିଆଯାଉଛି। ଦୁର୍ଭାଗ୍ୟର କଥା ପଢ଼ିଆରୀ ବିଦ୍ୟାପୀଠର ଅଫିସ୍ ଗୃହରୁ ପ୍ଲାଷ୍ଟର ଖସି ଶିକ୍ଷୟତ୍ରୀ ଓ ସି.ଆର.ସି.ସିଙ୍କ ମୁଣ୍ଡ ଫାଟିଥିବା ବେଳେ ନିଜ ଅଞ୍ଚଳ ସମ୍ପର୍କରେ କିଛି ନ ଜାଣିଥିବା ବିଜେଡ଼ିର ଜଣେ ମୁଖପାତ୍ର ଭୁବନେଶ୍ବରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖବରକୁ ମିଥ୍ୟା ବୋଲି ବିବୃତି ଦେବା ଅତ୍ୟନ୍ତ ହାସ୍ୟାସ୍ପଦ କଥା। ଏହି ବ୍ଲକର ସରକାରଙ୍କ ୫-ଟି ଯୋଜନାରେ ରୂପାନ୍ତରିତ ଆଠଟି ବିଦ୍ୟାଳୟର କାର୍ଯ୍ୟ ମଧ୍ୟ ନିମ୍ନମାନର। ସ୍କୁଲ ଥାଇ ଅଫିସ୍ ଗୃହ ୫-ଟି କାର୍ଯ୍ୟର ଅନ୍ତର୍ଭୁକ୍ତ ନୁହେଁ ବୋଲି କହିବା ବିଜେଡ଼ି ମୁଖପାତ୍ରଙ୍କର ଅଜ୍ଞତାର ସୂଚନା ଦିଏ। ସାରା ରାଜ୍ୟରେ ୫-ଟି ରୂପାନ୍ତରଣ ସ୍କୁଲଗୁଡ଼ିକର ଭିତିଭୂମି ସୁଦୃଢ଼ ହେବା ତ ଦୂରର କଥା ଏହି ଅର୍ଥରେ କେବଳ ପ୍ରଶାସନ ଜରିଆରେ ସ୍ଥାନୀୟ ବିଜେଡ଼ି କର୍ମୀ ଓ ନେତାଙ୍କର ହାତ ଚିକ୍କଣ ହେଉଥିବାର ପ୍ରମାଣିତ ହେଲାଣି। ପଢ଼ିଆରୀ ବିଦ୍ୟାପୀଠ ସମ୍ପୂର୍ଣ୍ଣ ନିମ୍ନମାନର କାର୍ଯ୍ୟ କରାଯାଇଛି, ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ନିମ୍ନମାନର କାର୍ଯ୍ୟପାଇଁ ସମ୍ପୃକ୍ତ ବ୍ୟକ୍ତି ଓ ବ୍ଲକ ପ୍ରଶାସନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ବିଦ୍ୟାପୀଠର ସ୍ଥାୟୀ ଭିତିଭୂମି ପ୍ରତିଷ୍ଠା କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଦୃଢ଼ ଦାବୀ କରାଯାଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray